# ‘କନ୍ୟା ଅଟେ ଆମ ଦୁହିତା, ପାଠ ପଢ଼ି ହେବା ଜଗତଜିତା’

## ଜାତୀୟ କନ୍ୟା ସନ୍ତାନ ସପ୍ତାହ ପାଳନ ଅବସରରେ ସଚେତନତା ପଦଯାତ୍ରା

ରଙ୍ଗପୁର, ୨୧ା୧(ସଦାଶିବ ପ୍ରହରାଜ)

୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ ଜାତୀୟ ଶିଶୁ କନ୍ୟା ସପ୍ତାହ ପାଳନ ଅବସରରେ ଜିଲା ପ୍ରଶାସନ, ଜିଲା ସମାଜ କଲ୍ୟାଣ ବିଭାଗ ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ମିଳିତ ସହଯୋଗରେ ବୁଧବାର ନବରଙ୍ଗପୁର ସହରରେ ଏକ ସଚେତନତା ପଦଯାତ୍ରା କରାଯାଇଛି। ଜିଲାପାଳ ଡ ମହେଶ୍ୱର ସ୍ୱାଇଁ ସବୁଜ ପତାକା ଦେଖାଇ ଏହି ସଚେତନତା ପଦଯାତ୍ରା ଶୁଭାରମ୍ଭ କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁରଙ୍କ ତତ୍ତ୍ୱାବଧାନରେ ନବରଙ୍ଗପୁର ନର୍ସିଂ ମହାବିଦ୍ୟାଳୟ ଓ ବିଦ୍ୟାର୍ଥୀ ନର୍ସିଂ ମହାବିଦ୍ୟାଳୟ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିଥିବା ପଦଯାତ୍ରାରେ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। କନ୍ୟା ଭ୍ରୂଣହତ୍ୟା ବନ୍ଦ କର, ଝିଅ ହେଲେ ପାଠୋଇ ଦେଶ ଯିବ ଆଗେଇ, ଜାତୀୟ କନ୍ୟା ଦିବସ ପାଳନ କର, କନ୍ୟା ଅଟେ ଆମ ରତନ କରିବା ଆମେ ତାର ଯତନ, କନ୍ୟା ଅଟେ ଆମ ଦୁହିତା, ପାଠ ପଢି ହେବା ଜଗତଜିତା, ଝିଅ କୁ କେବେ ନମଣ ସାନ, ଆଇନ ଆଖିରେ ଝିଅ ପୁଅ ସବୁ ସମାନ ,ଶିଶୁ ଅଧିକାର ଝିଅକୁ ଦେବା ଲିଙ୍ଗ ଭେଦଭାବ ଦୂର କରିବା, ଝିଅକୁ ଦିଅ ଶିକ୍ଷା ଓ ସମ୍ମାନ ରଖିବ ସିଏ ତୁମର ମାନ ଆଦି ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ।

ଏହି ଅବସରରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ସାଧାରଣ ସଭା କରାଯାଇଥିଲା। ନବରଙ୍ଗପୁର ବିଡିଓ ସୁନୀଲି କୁମାର ଖରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ମନୋରମା ମାଝି, ଜିଲା ମହିଳା ସୁରକ୍ଷା ଅଧିକାରୀ ରମା ପଟ୍ଟନାୟକ ଅତିଥିଭାବେ ଯୋଗ ଦେଇ କନ୍ୟା ସନ୍ତାନ ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଝିଅମାନଙ୍କ ପ୍ରଗତି ପାଇଁ ହେଉଥିବା ସମସ୍ତ ପ୍ରଚେଷ୍ଟାର ସଫଳ ରୂପାୟନ କେବଳ ମାନସିକସ୍ତରରେ ଝିଅମାନଙ୍କୁ ସେମାନଙ୍କର ଅଧିକାର ଦେଲେ ହିଁ ସଫଳ ହେବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂଯୋଜକ ୟୁନିସେଫ, ମହିଳା ସଶକ୍ତିକରଣ ହବର ସଂଯୋଜିକା ସରିତା ରାଣୀ ପାଣି, ଆର୍ଥିକ ସାକ୍ଷରତା ବିଶେଷଜ୍ଞ ସସ୍ମିତା ପାତ୍ର , ଲିଙ୍ଗ ସମ୍ବେଦନଶୀଳତା ବିଶେଷଜ୍ଞ ପ୍ରୀତି କୁମାରୀ ବାଘ, ନବରଙ୍ଗପୁର ଶକ୍ତି ସଦନ କେନ୍ଦ୍ରର କର୍ମକର୍ତ୍ତା, ଚାଇଲ୍ଡ ଲାଇନ ସଂଯୋଜିକା, ଶିଶୁ ଅଧିକାର ସହଯୋଗୀ, ୱାନଷ୍ଟପ ସେଣ୍ଟର ପକ୍ଷରୁ ରଞ୍ଜିତା ସାହୁ, ଓକିଲ କିଶୋରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସମାଜରେ ମହିଳା ମାନଙ୍କର ସମସ୍ୟା ବିଶେଷ କରି କିଶୋରୀ ବାଳିକାମାନେ ସେମାନଙ୍କ ଜୀବନରେ ଯେଉଁ ସବୁ ଅସୁବିଧା ଭୋଗୁଛନ୍ତି ତାହାକୁ ଦୃଢ ଭାବରେ ମୁକାବିଲା କରି ଆଗକୁ ଚାଲିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସେମାନଙ୍କର ମାନବାଧିକାର ଅଧିକାରକୁ ଅକ୍ଷୁର୍ଣ୍ଣ ରଖିବା , ସମସ୍ତ ଶିଶୁ କନ୍ୟାମାନେ ଯେପରି ସମାନ ଭାବରେ ଶିକ୍ଷା ପାଇପାରିବେ ଏହି ସବୁ ବିଷୟରେ ଆଲୋଚନା କରିଥିଲେ।



ପଦଯାତ୍ରା ଅବସରରେ ଅଧିକାରୀ ଓ ଅନ୍ୟମାନେ।

# ଲକ୍ଷ୍ମୀ ବସ୍ ସମୟ ପରିବର୍ତ୍ତନ ନେଇ ଲୋକେ ଅସନ୍ତୁଷ୍ଟ

ତେନ୍ତୁଲିଖୁଣ୍ଟି, ୨୧ା୧(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟିରେ ଲକ୍ଷ୍ମୀ ବସ୍ ଚଳାଚଳ କରୁଛି। ଏହାର ସମୟ ପରିବର୍ତ୍ତନ କରାଯାଇଛି। ଯାହାକୁ ନେଇ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବସ୍‌କୁ ପୂର୍ବ ସମୟରେ ଚଳାଇବାକୁ ସେମାନେ ଦାବି କରିଛନ୍ତି।

ସୂଚନାନୁଯାୟୀ, ତେନ୍ତୁଲିଖୁଣ୍ଟିରୁ ସକାଳୁ ୬ଟାରେ ଏକ ଲକ୍ଷ୍ମୀ ବସ୍ ବାହାରି ଆଦର୍ଶ ବିଦ୍ୟାଳୟ ରାସ୍ତା ଦେଇ କଂଗ୍ରା, କଣ୍ଟାଗାଁ ପର୍ଯ୍ୟନ୍ତ ଯାଉଥିଲା। ତେନ୍ତୁଲିଖୁଣ୍ଟିରୁ ୯ଟାରେ ବାହାରି ୧୦ଟାରେ ଆଦର୍ଶ ବିଦ୍ୟାଳୟ ଦେଇ କଂଗ୍ରା, ଓଲମା ରାସ୍ତାରେ କଣ୍ଟାଗାଁ ପହଞ୍ଚୁଥିଲା। ପୁନଶ୍ଚ କଣ୍ଟାଗାଁରୁ ବାହାରି ଦିନ୨ଘଣ୍ଟିକା ସମୟରେ ତେନ୍ତୁଲିଖୁଣ୍ଟି ପହଞ୍ଚୁଥିଲା। ତେନ୍ତୁଲିଖୁଣ୍ଟିରେ ତହସିଲ, ବ୍ଲକ, ମେଡିକାଲ, ଶିଶୁବିକାଶ ପ୍ରକଳ୍ପ, ଉଚ୍ଚ ବିଦ୍ୟାଳୟ, ମାଧ୍ୟମିକ ଉଚ୍ଚ ବିଦ୍ୟାଳୟ ରହିଛି। ଏହି ବସ୍ ସେବା ଯୋଗୁ ସାଧାରଣ ଲୋକେ ସୁବିଧା ପାଉଥିଲେ। ଏହି ବସ୍‌ରେ ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ର, ସରକାରୀ କାର୍ଯ୍ୟାଳୟ, ବ୍ଲକ, ମେଡିକାଲକୁ ଆସୁଥିବା ଲୋକେ ଉପକୃତ ହେଉଥିଲେ। ବର୍ତ୍ତମାନ ଉକ୍ତ ବସ୍‌ର ସମୟ ପରିବର୍ତ୍ତନ ଯୋଗୁ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଅଞ୍ଚଳରେ ବହୁ ଗରୀବ ଶ୍ରେଣୀ ର ଲୋକେ ବସବାସ କରୁଥିବା ବେଳେ ବସ୍ ଯାତାୟତ ସେମାନଙ୍କ ପାଇଁ ସୁବିଧା ହେଉଥିଲା। ଗରୀବ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟ ଶିକ୍ଷା କ୍ଷେତ୍ରରେ ସହାୟକ ହେଉଥିଲା। ଏହି ବସ୍‌ର ସମୟ ପରିବର୍ତ୍ତନ ଯୋଗୁଁ ସମସ୍ତେ ହଇରାଣ ହେଉଛନ୍ତି। ପ୍ରଶାସନ ଏହି ସାଧାରଣ ଲୋକଙ୍କ ହିତକୁ ଦୃଷ୍ଟିରେ ରଖି ପୁନର୍ବାର ସେହି ବସ୍‌କୁ ପୁରୁଣା ସମୟ ଏବଂ ଯାତାୟତ ମାର୍ଗରେ ପରିଚାଳିତ କଲେ ଅଞ୍ଚଳବାସୀ ଉପକୃତ ହୋଇପାରିବେ। ଏହି ବସ୍‌କୁ ପୁନର୍ବାର ପୁରୁଣା ମାର୍ଗରେ ସେହି ସମୟରେ ଚଳାଇବାକୁ ଦାବି କରାଯାଇଛି। ଏପରି ହେଲେ ଲୋକଙ୍କ ସୁବିଧା ହେବ ବୋଲି ସମବାୟ ସମିତି ସଭାପତି ଦିଲୀପ ପ୍ରଧାନୀ କହିଛନ୍ତି।

# ତୃଣମୂଳ ସ୍ତରରୁ ଗ୍ରାମୀଣ ବିକାଶକୁ ତ୍ୱରାନ୍ୱିତ ଲକ୍ଷ୍ୟ

## ଭିବି ଜି ରାମ ଜିର ଜିଲାସ୍ତରୀୟ କର୍ମଶାଳା

ଉମରକୋଟ, ୨୧ା୧(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ଭାଜପା କାର୍ଯ୍ୟାଳୟରେ ଭିବି ଜି ରାମ୍ ଜି ଏକ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ୟୁପିଏ ସରକାରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ନାମରେ ଥିଲା। ଏହି ଯୋଜନାର ସଂରଚନାତ୍ମକ ବିଫଳତାକୁ ସ୍ୱୀକାର କରି ବର୍ତ୍ତମାନ କେନ୍ଦ୍ର ସରକର ଗ୍ରାମୀଣ ନିଯୁକ୍ତିକୁ ଏକ ନୂତନ ପରିଭାଷା ପ୍ରଦାନ କରି ଭିବି–ଜି ରାମ ଜି ୨୦୨୫ ନାମରେ କାର୍ଯ୍ୟକାରି କରିଛନ୍ତି। ପ୍ରତ୍ୟେକ ଗରୀବ ବ୍ୟକ୍ତିଙ୍କୁ ସମ୍ମାନର ସହିତ ନିଯୁକ୍ତି ଦେବା, ପ୍ରତ୍ୟେକ ନୂତନ ଯୋଜନାର ନିଯୁକ୍ତି ୧୦୦ ଦିନରୁ ୧୨୫ ଦିନକୁ ବୃଦ୍ଧି, ଠିକ୍ ସମୟରେ ପ୍ରତ୍ୟେକ ୭ ଦିନରେ ମଜୁରି ପ୍ରଦାନ, ଚାଷୀଙ୍କ ବେଉଷଣ ଏବଂ ଅମଳ ସମୟରେ ୬୦ ଦିନ କାର୍ଯ୍ୟ ବନ୍ଦ, ଏହି ଯୋଜନା ଅଧିନରେ ବିକଶିତ ଗ୍ରାମ ପଞ୍ଚାୟତ ଯୋଜନା (VGPP) କରାଯିବ ତଥା ତୃଣମୂଳ ସ୍ତରରରୁ ଗ୍ରାମିଣ ବିକାଶକୁ ତ୍ୱରାନ୍ୱିତ କରାଯିବ ବୋଲି କୁହାଯାଇଛି। ନୂତନ ଯୋଜନାରେ କେନ୍ଦ୍ରର ୬୦% ଏବଂ ରାଜ୍ୟର ୪୦% ଅନୁଦାନ ରହିବ। ବିକଶିତ ପଞ୍ଚାୟତରୁ ବିକଶିତ ଭାରତ ଗଢ଼ିବା ଏହା ମଧ୍ୟ ଏକ ମାଧ୍ୟମ। ଏହି ସମସ୍ତ ବିଷୟରେ ଭାଜପାର ଗ୍ରାମାଞ୍ଚଳରେ ନେତୃତ୍ୱ ନେଉଥିବା କାର୍ଯ୍ୟକର୍ତ୍ତାଙ୍କୁ ତାଲିମ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ସଭାପତି କୁଞ୍ଜବିହାରୀ ଦାସ, ଜିଲା ସାଧାରଣ ସମ୍ପାଦକ ସୁରେଶ ଆଚାର୍ଯ୍ୟ, ଜ୍ୟୋତିରଞ୍ଜନ କଂଶ, ଭିବି ଜି ରାମ୍ ଜି ଟୋଲି ଡାବୁଗାଁ କୋଅର୍ଡିନେଟର ଲିଙ୍ଗରାଜ ଭତ୍ରା, ଉମରକୋଟ କୋଅର୍ଡିନେଟର ଭୋଜନାଥ ଗଣ୍ଡ, ଝରିଗାଁ କୋଅର୍ଡିନେଟର ଚନ୍ଦ୍ରଭାନୁ ନାୟକ, ଉମରକୋଟ ନଗର ମଣ୍ଡଳ ସଭାପତି ସନ୍ତୋଷ ଶର୍ମା, ସାଧାରଣ ସମ୍ପାଦକ ପ୍ରଭାତ କୁମାର ନାୟକଙ୍କ ସହ ଭାଜପାର ବହୁତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଭାଜପା ନେତାମାନେ।

# କ୍ୱାର୍ଟର ଫାଇନାଲରେ ଧୋଡ୍ରା ଚୈତନ୍ୟ ଏକାଦଶ

## ୨୬ତମ ଯାଦବ ମାଝୀ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା

ଚନ୍ଦାହାଣ୍ଡି, ୨୧ା୧ (ହିମାଂଶୁ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଦଣ୍ଡାମୁଣ୍ଡା ଗଦାଧର ଷ୍ଟାଡିୟମରେ ପଲ୍ଲୀଶ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ୨୬ତମ ଯାଦବ ମାଝୀ ସ୍ମାରକୀ ଅନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତାରେ ଧୋଡ୍ରା ଚୈତନ୍ୟ ଏକାଦଶ କ୍ୱାଟର ଫାଇନାଲରେ ପହଞ୍ଚିଛି। ବୁଧବର ଧୋଡ୍ରା ଚୈତନ୍ୟ ଏକାଦଶ ବନାମ ବାଲିଗୁଡ଼ା ଦଳ ମଧ୍ୟରେ ଲିଗ ମ୍ୟାଚ ଖେଳାଯାଇଥିଲା। ଚୈତନ୍ୟ ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ଲିଲୁ ବେହେରାଙ୍କ ୬୧ ଓ ଲିଳାଧର ପ୍ରଧାନଙ୍କ ୩୫ ରନ ସହାୟତାରେ ୧୫୪ ରନ ସଂଗ୍ରହ କରିଥିଲା। ୧୫୫ ରନ ବିଜୟ ଲକ୍ଷ୍ୟକୁ ବାଲିଗୁଡ଼ା ଦଳ ପିଛାକରି ମାତ୍ର ୧୧୧ କରି ଅଲଆଉଟ ହୋଇଯାଇଥିଲା। ଗୁରୁବାର କ୍ୱାଟର ଫାଇନାଲ ମ୍ୟଚରେ ଗଜପତି ଚକ୍ର ଏକାଦଶ ଓ ଚୈତନ୍ୟ ଏକାଦଶ ପରସ୍ପରକୁ ଭେଟିବେ। ମ୍ୟାଚରେ ସର୍ବଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ବିମଲ କୁମାର ମହାପାତ୍ରଙ୍କୁ ଅତିଥିମାନେ ମ୍ୟାନ ଅଫ୍‌ଦି ବ୍ୟାଚ ପ୍ରଦାନ କରିତ୍ଲେ। ବ୍ଲକ ଉପାଧ୍ୟକ୍ଷ ବାସୁଦେବ ଗୌଡ଼, ଯୁବ ନେତା ପ୍ରଶାନ୍ତ ପାରି, ଶେଷମଲ ନାୟକ, ସାମାଜିକ କର୍ମୀ ବନବିହାରି ମହାନ୍ତି, ଶିବ ହରପାଲ ଯୋଗଦେଇଥିଲେ। ମ୍ୟାଚରେ ଅମ୍ପୟାର ଭାବେ ପିଣ୍ଟୁ ନେତାମ ଓ ଧନଞ୍ଜୟ ମେହେର, ଭାଷ୍ୟକାର ଭାବେ ମଳୟ ତାଣ୍ଡି, ସ୍କୋରରଭାବେ ରାକେଶ ପଟ୍ଟନାୟକ, ମାନସ ନାୟକ, ଗୁପ୍ତେଶ୍ୱର ମାଝୀ, ରବୀନ୍ଦ୍ର ବେଶ୍ରା, ପପୁ ବେଶ୍ରା ଦାୟିତ୍ୱ ତୁଲାଇଥିଲେ। ପ୍ରତେକ ମ୍ୟାଚକୁ ଦେବ ଷ୍ଟୁଡିଓ ପକ୍ଷରୁ ୟୁଟ୍ୟୁବ ମାଧ୍ୟମରେ ସିଧା ପ୍ରସାରଣ କରାଯାଉଛି।



ଅତିଥିମାନେ ବିମଲଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଡାବୁଗାଁ, ୨୧ା୧ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା ମାଧ୍ୟମରେ ୨ ଦିନିଆ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ବୁଧବାର ଉଦଘାଟିତ ହୋଇଯାଇଛି। ଡାବୁଗାଁ ସହକାରୀ ଉଦ୍ୟାନ କୃଷି ଅଧିକାରୀ ରବିଶଙ୍କର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଅତିଥିଭାବେ ଜିଲାପରିଷଦ ସଭ୍ୟ ଗୁପ୍ତ ବିଶୋଇ, ବ୍ଲକ କୃଷି ଅଧିକାରୀ ସୁଦେଷ୍ଣା ଧଳ, ମୃତ୍ତିକା ସଂରକ୍ଷଣ ଅଧିଦର୍ଶକ ନିରୋଜ ମଲ୍ଲିକ, ଡଙ୍ଗରିଗୁଡା ସରପଞ୍ଚ ରାମକୁମାର ଗଣ୍ଡ, ଡାବୁଗାଁ ସରପଞ୍ଚ ବିନୋଦ ସୌରା, ଭାଜପା ନେତା ଜି. କିରଣ କୁମାର, ଉଦ୍ୟାନ ଅଧିଦର୍ଶକ ପ୍ରମୋଦ ଗୌଡ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଉଦ୍ୟାନ କୃଷି କ୍ଷେତ୍ରରେ ମହିଳାମାନଙ୍କୁ ଅଧିକ ସଶକ୍ତି କରିବାକୁ ଯୋଜନା ମାଧ୍ୟମରେ ଲଙ୍କା ଚାଷ, ଧନିଆ ଚାଷ, ଅଦା ଓ ହଳଦୀ ଚାଷ, ମେଥି ଚାଷ କରିବାକୁ କୁହାଯାଇଛି। ଏହା ବ୍ୟତୀତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ଶଙ୍କର ଜାତୀୟ ପନିପରିବା ଚାଷରେ ସହାୟତା, ଆଳୁ ଓ ପିଆଜ ଚାଷରେ ସହାୟତା, ଅମଳ ପରବର୍ତ୍ତୀ ପରିଚାଳନା ଓ ବିକ୍ରୟ ସହାୟତା, ସ୍ୱତନ୍ତ୍ର ଫଳ ଚାଷ ଯୋଜନା, ମହୁମାଛି ପାଳନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଫଳ ଚାଷ ପାଇଁ ସରକାରୀ ସହାୟତା ପାଇବା ଉପରେ ଆଲୋଚନା କରଯାଇଥିଲା। କୃଷି ବିଭାଗ ବିଭିନ୍ନ ଯୋଜନା ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ଚାଷୀ ମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରୁ ୧୫୦ ଏଏସ୍‌ଏଚ୍‌ଜି ସଦସ୍ୟା ଓ ଚାଷୀ ଯୋଗ ଦେଇଥିଲେ।

# ତଳକଣ୍ଟାପାଲି–କିରାମ୍ଭ ପକ୍କା ରାସ୍ତା ନିର୍ମାଣ ଦାବି

ନନ୍ଦପୁର/ପାଡୁଆ, ୨୧ା୧
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ଚାଟୁଆ ପଞ୍ଚାୟତର ୬ ଗ୍ରାମ ତଳ କଣ୍ଟାପାଲି, ଉପର କଣ୍ଟାପାଲି, ଲେଞ୍ଜିଗୁଡ଼ା, ଦିଶାରିଗୁଡ଼ା, ବୁରୁଦାଗୁଣ୍ଡା, କୁଲିପାହାଡ ଓ ଡକରିପଦର ଗ୍ରାମ ପାହାଡ ଘେର ଓ ପାତାଳୀ ନଦୀର ଅପରପାର୍ଶ୍ୱରେ ଥାଇ ବିକାଶ ଠାରୁ ଦୂରରେ ରହିଛି। ଗ୍ରାମବାସୀଙ୍କୁ ବିକାଶମୁଖୀ କରିବାକୁ ତଳକଣ୍ଟାପାଲିରୁ ପାଡୁଆ ପଞ୍ଚାୟତର କିରାମ୍ଭ ଯାଏ ୬ କିମି ପକ୍କା ରାସ୍ତା ନିର୍ମାଣ କରିବାକୁ ଦାବି ହୋଇଛି। ପଞ୍ଚାୟତର ସମିତି ସଭ୍ୟ କୃଷ୍ଣଚନ୍ଦ୍ର ପାଙ୍ଗିଙ୍କ ସମେତ ତଳକଣ୍ଟାପାଲି ଗ୍ରାମର ଜୟ ହନ୍ତାଳ, ଜୟରାମ ଖିଲ ଉପର କଣ୍ଟାପାଲି ଗ୍ରାମର ନିରଞ୍ଜନ ଖରା, ବଳଭଦ୍ର ଖରା, ଲେଞ୍ଜିଗୁଡା ଗ୍ରାମର ଘାସିରାମ ଗେମେଲ, ଦିଶାରିଗୁଡା ଗ୍ରାମର ଜୟରାମ ଗେମେଲ, ବୁରୁଦାଗୁଣ୍ଡା ଗ୍ରାମର ରାଜୁ ଖରା, ଡକ୍ରୀପଦର ଗ୍ରାମର ସୁବ୍ରି ପାଙ୍ଗି, ଲକ୍ଷ୍ମଣ ପାଙ୍ଗି, କୁଲି ପାହାଡ ଗ୍ରାମର ସିମାଦ୍ରି ପାଙ୍ଗି ପ୍ରମୁଖ ଏହି ଦାବି କରିଛନ୍ତି।

ସୂଚନାନୁଯାୟୀ, ଚାଟୁଆ ପଞ୍ଚାୟତର ଏହି ୬ ଗ୍ରାମ ପାତାଳୀ ନଦୀର ଅପର ପାର୍ଶ୍ୱରେ ଥିବାରୁ ପାତାଳୀ ନଦୀ ଗ୍ରାମବାସୀଙ୍କୁ ବାହ୍ୟ ଜଗତରୁ ବିଚ୍ଛିନ୍ନ ରଖିଛି। ୬ ଗ୍ରାମକୁ ପକ୍କା ରାସ୍ତା ନାହିଁ। ନଦୀ ପାର ହେଲେ ହିଁ ଗ୍ରାମବାସୀ ଚାଟୁଆ ପଞ୍ଚାୟତ କାର୍ଯ୍ୟାଳୟ ଯିବାର ବ୍ୟବସ୍ଥା ରହିଛି। ଆଇନ ଶୃଙ୍ଖଳା ପାଇଁ ପାଡୁଆ ଥାନା, ସ୍ୱାସ୍ଥ୍ୟସେବା ପାଇଁ ପାଡୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଛାତ୍ରୀଛାତ୍ରଙ୍କ ଶିକ୍ଷା ପାଇଁ ପାଡୁଆରେ ସ୍ଥାପିତ ବିଭିନ୍ନ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ ସେବା, ଅତ୍ୟାବଶ୍ୟକୀୟ ସାମଗ୍ରୀ କିଣାବିକା ପାଇଁ ପାଡୁଆ ହାଟ ଓ ବଜାରକୁ ଆସିବା ସହ ସମସ୍ତ ସରକାରୀ କାର୍ଯ୍ୟ ପାଇଁ ନନ୍ଦପୁର ବ୍ଲକ କାର୍ଯ୍ୟାଳୟକୁ ଆସିବାକୁ ପଡୁଛି। ନଦୀରେ ପୋଲ ନିର୍ମାଣ ହୋଇନାହିଁ। ତେଣୁ ନଦୀର ଅପର ପାର୍ଶ୍ୱରେ ୬ ଗ୍ରାମକୁ ସଂଯୋଗ କରିବା ଭଳି ପକ୍କା ରାସ୍ତା କରିବାକୁ ଦାବି ହୋଇଛି। ଏହି ରାସ୍ତା ନିର୍ମାଣ ହେଲେ ତଳକଣ୍ଟାପାଲି ଗ୍ରାମର ୧୦୫ ପରିବାର, ଉପର କଣ୍ଟାପାଲି ଗ୍ରାମର ୫୦, ଲେଞ୍ଜୀଗୁଡ଼ାର ୨୫, ଦିଶାରିଗୁଡ଼ାର ୨୦, ବୁରୁଦାଗୁଣ୍ଡା ୧୮, କୁଲିପାହାଡ଼ ୧୨, ଡକ୍ରୀପଦର ୮୦ ଓ କିରାମ୍ଭ ଗ୍ରାମର ୬୦ ମୋଟ ୩୭୦ ପରିବାରର ୨୦୩୩ ଗ୍ରାମବାସୀଙ୍କୁ ଯାତାୟାତର ସାଧନ ମିଳିବ। ପାଡୁଆ ପହଞ୍ଚିବାକୁ ୬ ଗ୍ରାମବାସୀଙ୍କୁ ମାତ୍ର ୧୦ କିମି ରାସ୍ତା ଅତିକ୍ରମ କରିବାକୁ ପଡ଼ିବ ବୋଲି କହିଛନ୍ତି। ନନ୍ଦପୁର ବ୍ଲକ ପ୍ରଶାସନ ତରଫରୁ ଉକ୍ତ ଗ୍ରାମବାସୀଙ୍କ ପ୍ରସ୍ତାବ ମତେ ୬ ଗ୍ରାମକୁ ଗୋଟିଏ ରାସ୍ତା ମାଧ୍ୟମରେ ଯାତାୟାତର ସାଧନ ଦେବାକୁ ଜିଲା ପ୍ରଶାସନ ଜରିଆରେ ଆରଡି ବିଭାଗକୁ ଅନୁରୋଧ କରାଯିବ। ଆରଡି ବିଭାଗ ପକ୍ଷରୁ ଯନ୍ତ୍ରୀ ଜୟନ୍ତ କୁମାର ସାହୁ ରାସ୍ତା ପ୍ରଶିକ୍ଷଣ କରି ଡିଭିଜନ ସର୍ବୋଚ୍ଚ ଯନ୍ତ୍ରୀଙ୍କ ଜରିଆରେ ରାଜ୍ୟସ୍ତରୀୟ ବିଭାଗୀୟ ଅଧିକାରୀଙ୍କୁ ରାସ୍ତା ସମ୍ପର୍କରେ ପ୍ରସ୍ତାବ ଦିଆଯିବ ବୋଲି କହିଛନ୍ତି।


ଗାଁକୁ ସଂଯୋଗ କରୁଥିବା ମାଟି ରାସ୍ତା।

# ଦେଶପ୍ରେମ, ଦାୟିତ୍ୱବୋଧକୁ ପ୍ରାଧାନ୍ୟ ଦେବାକୁ ପରାମର୍ଶ

## ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ୨୦୨୬ ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ନବରଙ୍ଗପୁର,୨୧ା୧(ସଦାଶିବ ପ୍ରହରାଜ)

ନବରଙ୍ଗପୁରରେ ଚାଲିଥିବା ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଜିଲାପାଳ ଡ ମହେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦଯାପନୀ ସମାରୋହରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ମୁଖ୍ୟ ଅତିଥି, ବିଧାୟକ ଗୌରୀଶଙ୍କର ମାଝୀ ବରେଣ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ଜିଲା ମୁଖ୍ୟ କାର୍ଯ୍ୟ ନିର୍ବାହୀ ତଥା ଜିଲା ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ଯୋଗ ଦେଇଥିଲେ। ଡିଇଓ ଛତ୍ରପତି ସାହୁ, ଏଡିଇଓ ପ୍ରକାଶ ଚନ୍ଦ୍ର ମହାଲିକ, ସୁପ୍ରିୟା ନାୟକ, ଶ୍ରୀକାନ୍ତ ଜାନି, ତେନ୍ତୁଲିଖୁଣ୍ଟି ବିଇଓ ସୁଦୀପ୍ତ ଦାଶ, ଡାବୁଗାଁ ବିଇଓ ରଶ୍ମିତା ନେତମ, କୋଷଗୁମୁଡା ବିଇଓ ସୌମେନ୍ଦ୍ର ଭୌମିକ ଏବଂ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଚିତରଞ୍ଜନ ପଟ୍ଟନାୟକ ମଞ୍ଚାସୀନ ଥିଲେ। ବିକଶିତ ଭାରତ ପାଇଁ ଛାତ୍ରୀଛାତ୍ର ଙ୍କ ଅବଦାନ ଅତୁଳନୀୟ। ଦେଶ ବିକାଶରେ ସମସ୍ତ ଛାତ୍ରୀଛାତ୍ର ଚେଷ୍ଟିତ ରହିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ର ଦେଶର ଭବିଷ୍ୟତ। ସେମାନେ ଶିକ୍ଷା ସହିତ ନିଜ ଜୀବନରେ ଶିଷ୍ଟାଚାର, ଦେଶ ପ୍ରେମ ଓ ସମାଜ ପ୍ରତି ଦାୟିତ୍ୱ ବୋଧକୁ ପ୍ରାଧାନ୍ୟ ଦେବାକୁ ନବରଙ୍ଗପୁର ବିଧାୟକ ପରାମର୍ଶ ଦେଇଥିଲେ। ଜିଲାପାଳ ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ଭଲ ପଢ଼ି ଜିଲାକୁ ଶୀର୍ଷରେ ପହଞ୍ଚାଇବା ପାଇଁ ଉପଦେଶ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କୁ ସକରାତ୍ମକ ଏବଂ ନୂତନ ଚିନ୍ତାଧାରାର ଅଭିବୃଦ୍ଧି ଦିଗରେ ଚେଷ୍ଟିତ ରହିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ସାହିତ୍ୟ ସୃଜନୀ, ଜିଜ୍ଞାସା, କୌଶଳୀ, କ୍ରୀଡ଼ାଙ୍ଗନ, ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ, ଇକୋ କ୍ଲବ ପ୍ରଦର୍ଶନୀ, ଇନ୍ସପାଇରିଙ୍ଗ ଓଡିଶା ୨୦୩୬ ଏବଂ ନିପୁଣ ଓଡ଼ିଶା ପ୍ରକଳ୍ପରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ର ଏବଂ ଅନୁଷ୍ଠାନଗୁଡିକୁ ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା। ଡିଇଓ ଛତ୍ରପତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ବକୋଦାର ପ୍ରଧାନଶିକ୍ଷକ ନରେଶ ନାୟକ ମଞ୍ଚ ପରିଚାଳନା କରିଥିଲେ।

# ଦାଦନ ରୋକିବାରେ ସହାୟକ ହେବ ଜି ରାମ୍ ଜି: ଭାଜପା

ରାୟଗଡ଼ା,୨୧ ।୧(ଆଶିଷ ରଞ୍ଜନ ପଣ୍ଡା)



ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ରାୟଗଡ଼ା ଜିଲା ତଥା ଅନ୍ୟାନ୍ୟ ଅନଗ୍ରସର ଜିଲାର ଗ୍ରାମାଞ୍ଚଳ ଜନସାଧାରଣଙ୍କ ପାଇଁ କେନ୍ଦ୍ର ସରକାରଙ୍କ ବିକଶିତ ଭାରତ ଜି-ରାମ-ଜି ଏକ ପ୍ରମୁଖ ଯୋଜନା ପାଲଟିବ । ଆଗାମୀ ଦିନରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଆର୍ଥିକ ଭାବେ ଲାଭବାନ ହେବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାର ସଫଳ ରୂପାୟନ ହୋଇପାରିବ ବୋଲି ବୁଧବାର ଭାଜପା ଜିଲା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଗୋପୀ ଆନନ୍ଦ ପ୍ରକାଶ କରିଛନ୍ତି । ଏହି ଯୋଜନା ଦ୍ୱାରା ଦୁର୍ନୀତିରେ ରୋକ୍ ଲାଗିବା ସହ ଗ୍ରାମାଞ୍ଚଳରେ ବଢୁଥିବା ଦାଦନ ରୋକିବାରେ ସହାୟକ ହେବ ବୋଲି ଜିଲା ସଭାପତି ଗୋପୀ କହିଛନ୍ତି। ଏହି ଯୋଜନାକୁ ନେଇ ଗ୍ରାମାଞ୍ଚଳରେ ସଚେତନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯିବ ବୋଲି ବସନ୍ତ ଉଲାକା ପ୍ରକାଶ କରିଛନ୍ତି। ପୂର୍ବରୁ ଚାଲିଥିବା ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ବ୍ୟାପକ ଦୁର୍ନୀତି ହେଉଥିବା ସହ ଯୋଜନା ମାଧ୍ୟମରେ ୧୦୦ ଦିନର କାମ ଲୋକଙ୍କୁ ଦିଆଯାଉଥିଲା। କିନ୍ତୁ ବର୍ତ୍ତମାନ କେନ୍ଦ୍ର ସରକାର ବିଭି-ଜି-ରାମ ଜି ଯୋଜନାରେ ଏହାକୁ ୧୦୦ ଦିନ ବଦଳରେ ୧୨୫ ଦିନ ରୋଜଗାର ମିଳିବ ବୋଲି କହିଥିଲେ ।

ଖବରଦାତା ସମ୍ମିଳନୀରେ ଭାଜପାର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ଧନପତି, ବସନ୍ତ କୁମାର ଉଲାକା, ପୂର୍ବତନ ସଭାପତି ତଥା ବରିଷ୍ଠ ନେତା ଶିବ ଶଙ୍କର ଉଲାକା, ଜିଲା ସମ୍ପାଦକ ଦେବାଶିଷ ପଣ୍ଡା, ମଣ୍ଡଳ ସଭାପତି ଅନୀଲ ଜାଡି, ମଞ୍ଜୁଳା ମିଣିଆକା, ସାନ୍ତନୁ ସୁବୁଦ୍ଧି, ସମ୍ପାଦକ ରୋଜିତା କରଡା, ତରୁଣ ଗରଡିଆ, ଉପ ସଭାପତି ରଜତ ମାଦଲା, ନଗର ସଭାପତି ରାଜେଶ ପାଣିଗ୍ରାହୀ ଓ ଦଳର ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗଦେଇଥିଲେ । ଏହି ଅବସରରେ ଦଳ ପକ୍ଷରୁ କାର୍ଯ୍ୟାଳୟରେ ବିଭି- ଜି- ରାମ- ଜି ଯୋଜନାକୁ ନେଇ ଏକ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ବ୍ଲକରୁ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ ।

# ବସନ୍ତ ମହୋତ୍ସବ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆରମ୍ଭ



ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଉପସ୍ଥିତ ସାଧୁ ସନ୍ଥ।

ଗୁଣପୁର,୨୧।୧ (ସୁଜାତା ପାଢ଼ୀ)

ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ଅବସରରେ ବୁଧବାରଠାରୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସନ୍ଧ୍ୟାରେ ବଂଶଧାରା ନଦୀରୁ ଗଙ୍ଗା ଆବାହନ ପରେ ପ୍ରବଚନ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ପ୍ରଫେସର ସୂର୍ଯ୍ୟ ନାରାୟଣ ରଥ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଚିନ୍ମୟ ମିଶନର ସ୍ୱାମୀ ନିଗମାନନ୍ଦ ମହାରାଜ ଓ ଗୀତାଦେବୀ ପ୍ରବଚନ କଥା ଶୁଣାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗୁଣପୁର ନବ ନିର୍ମାଣ ସମିତିର ସଭାପତି ଅକ୍ଷୟ ଦାସ, ଉତ୍ସବ କମିଟିର ସମ୍ପାଦକ ତଥା ବ୍ଲକ ଉପାଧ୍ୟକ୍ଷ ଶୁଦର୍ଶନ ଶବର, ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, କାର୍ଯ୍ୟକାରୀ ସଭାପତି କୈଳାସ ଦାସ, ରମେଶ ଲିମା, ଅମ୍ବିକାରାଣୀ ମହାପାତ୍ର, ଚାରୁବାଳା ଶତପଥି, ରାମ ପଣ୍ଡା, ଡ. ପ୍ରଶାନ୍ତ ହୋତା, ଉମା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ରାୟଗଡ଼ା ପ୍ରେସ୍ ୟୁନିୟନର ପ୍ରତିଷ୍ଠା ଦିବସ



ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ସହ ପ୍ରେସ୍ ୟୁନିୟନର କର୍ମକର୍ତ୍ତା।

ରାୟଗଡ଼ା,୨୧ ।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ପ୍ରେସ୍ ୟୁନିୟନର ଏକାଦଶ ପ୍ରତିଷ୍ଠା ଦିବସ ଅବସରରେ ବୁଧବାର ସ୍ଥାନୀୟ ଶକ୍ତି ଅନୁଷ୍ଠାନର ବୃଦ୍ଧାଶ୍ରମଠାରେ ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଛି। ୟୁନିୟନର ସଭ୍ୟମାନେ ଆଶ୍ରମରେ ରହିଥିବା ଅନ୍ତେବାସୀଙ୍କ ସମସ୍ୟା ପଚାରି ବୁଝିଥିଲେ। ଏହି ଅବସରରେ ସଭାପତି ଅମୂଲ୍ୟ ସାହୁଙ୍କ ନେତୃତ୍ୱରେ ୟୁନିୟନର ଉପଦେଷ୍ଟା ସୁରେଶ ଦାଶ, ସାଧାରଣ ସମ୍ପାଦକ ଶିବାଜୀ ଦାଶ, ମାଉଡ଼ି ବାରିକ, ଶ୍ରୀନିବାସ ବଳିୟାରସିଂ, ଇପିଲି ସର୍ବେଶ୍ୱର ରାଓ, ମନୋରଞ୍ଜନ ଶତପଥୀ, ମନୋଜ କୁମାର ମିଶ୍ର, ଧରଣୀଧର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଗାମୀ ଦିନରେ ପ୍ରେସ୍ ୟୁନିୟନର ଏକାଦଶ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ସାଧାରଣ ସମ୍ପାଦକ ଶିବାଜୀ ଦାଶ ସୂଚନା ଦେଇଛନ୍ତି।

# 'କଂଗ୍ରେସ ସବୁବେଳେ ଆଦିବାସୀଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରୁଛି'

## ଆଗାମୀ କାର୍ଯ୍ୟପନ୍ଥା ନେଇ କଂଗ୍ରେସର ବୈଠକ

ରାୟଗଡ଼ା,୨୧ ।୧(ଆଶିଷ ରଞ୍ଜନ ପଣ୍ଡା)



ବୈଠକରେ ବିଧାୟକଙ୍କ ସହ ଉପସ୍ଥିତ କଂଗ୍ରେସ ନେତା।

ରାୟଗଡ଼ା ଜିଲା କଂଗ୍ରେସ କମିଟି ସଭାପତି ତଥା ରାୟଗଡା ବିଧାୟକ ଆପଲସ୍ୱାମୀ କାଡ୍ରାକାଙ୍କ ସଭାପତିତ୍ୱରେ ବୁଧବାର ସ୍ଥାନୀୟ ଏକ ହୋଟେଲରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଗାମୀ ଦିନର କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କୁ ସଜାଗ ହେବା ପାଇଁ ଆହ୍ୱାନ ଦେଇଥିଲେ । ୨୦୨୪ରେ ରାୟଗଡ଼ା ଜିଲାରେ କଂଗ୍ରେସ ପାଇଥିବା ସଫଳତାକୁ ଦୋହରାଇବା ପାଇଁ ଉପସ୍ଥିତ କର୍ମୀଙ୍କୁ ଉତ୍ସାହିତ କରିବା ସହ ଲୋକଙ୍କ ସେବା ପାଇଁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଅବିଭକ୍ତ କୋରାପୁଟ ଜିଲାରେ କଂଗ୍ରେସକୁ ଆଶାତୀତ ସଫଳତା ମିଳିଥିବା କଥା ଭାଜପା ସରକାର ସହଜରେ ହଜମ କରିପାରୁନାହିଁ । ତେଣୁ ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପାଇଁ ବିଭିନ୍ନ ଯୋଜନା ଘୋଷଣା କରୁଛନ୍ତି । କିନ୍ତୁ ପ୍ରକୃତ ପକ୍ଷେ ଭାଜପା ସରକାର ରାୟଗଡ଼ା ଓ ଏହି ଅଞ୍ଚଳରେ ଥିବା ଖଣିକୁ ଦୃଷ୍ଟିରେ ରଖି ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସହ ପ୍ରଭାରୀ ଜେଟ୍ଟି କୁସୁମ କୁମାର ଯୋଗଦେଇ କହିଥିଲେ, କୋରାପୁଟ ଜିଲାରେ କଂଗ୍ରେସ ପାଇଥିବା ସଫଳତାକୁ ସମଗ୍ର ରାଜ୍ୟରେ ପ୍ରୟୋଗ କରାଯିବ। କଂଗ୍ରେସ ସବୁବେଳେ ଆଦିବାସୀଙ୍କ ସୁରକ୍ଷା ପାଇଁ କାର୍ଯ୍ୟକରୁଛି ଏବଂ ଆଗାମୀ ଦିନରେ ମଧ୍ୟ କରିବ । ରାୟଗଡ଼ାର ସଫଳତା ନିଶ୍ଚିତ ଭାବରେ ପାଇବ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ପିସିସି ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ପଣ୍ଡା, ବରିଷ୍ଠ ନେତା ଶଙ୍କର୍ଷଣ ମଙ୍ଗରାଜ, ଝୁନା ପଣ୍ଡା, ଚନ୍ଦ୍ର ମେଳୀ କୁମୁନ୍ଦନ, ହରିଶ ପଟ୍ଟନାୟକ ଓ କଂଗ୍ରେସର ବିଭିନ୍ନ ସଂଗଠନର ୩୦୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ମଧ୍ୟ ଉପସ୍ଥିତ ଥିଲେ।

# ବିଶାଖାପାଟଣା ଟ୍ରେନ୍‌ରେ କଟି ଜଣେ ମୃତ

ଗୁଣୁପୁର, ୨୧।୧ (ସଂକେତ ପାତ୍ର)

ଗୁଣପୁର ରେଳ ଷ୍ଟେଶନ ନିକଟରେ ଗୁଣପୁର – ବିଶାଖାପାଟଣା ଟ୍ରେନ୍‌ରେ କଟି ମଧ୍ୟାହ୍ନ ପ୍ରାୟ ୨ଟାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ହେଲେ ପଦ୍ମପୁର ବ୍ଲକ୍ ଅନ୍ତରଝୋଲି ଗ୍ରାମର ପୂର୍ଣ୍ଣ ନାଗ (୫୩)। ସେ ତାଙ୍କ ଝିଅ ସହ ଗୁଣପୁର ମେଡିକାଲ କଲୋନିର ଅଫିସ କ୍ୱାର୍ଟର୍ସରେ ରହୁଥିଲେ। ତେବେ ବ୍ୟକ୍ତି ଜଣକ ଟ୍ରେନ୍‌ରୁ ଖସିପଡ଼ିଥିଲେ କି ଟ୍ରେନ ସହ ଧକ୍କା ହୋଇ ମୃତ୍ୟୁବରଣ କରିଛନ୍ତି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ଗୁଣପୁର ଷ୍ଟେଶନରେ ଜିଆର୍‌ପି ପୋଲିସ ଉପସ୍ଥିତ ନ ଥିବାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଶବ ଟ୍ରାକ୍‌ରେ ପଡ଼ିରହିଥିଲା। ଏହି ସମୟରେ ରାଜ୍ୟରାଣୀ ଏକ୍ସପ୍ରେସ୍ ଟ୍ରେନ୍‌ର ସମୟ ହୋଇଯାଇଥିବାରୁ ଇଞ୍ଜିନ ବଦଳାଇବା ପାଇଁ ଶବ ଉପରେ ଇଞ୍ଜିନ ଚାଲିଯାଇଥିବା ଦେଖାଯାଇଛି। ଏଭଳି ଘଟଣାକୁ ନେଇ ଯାତ୍ରୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆକ୍ରୋଶ ଦେଖାଦେଇଛି। ବିଳମ୍ବରେ ଜିଆର୍‌ପି ପୋଲିସ ପହଞ୍ଚି ମୃତଦେହକୁ ଜବତକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଗୁରୁବାର ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।

# ପାଇଥିବା ମୋବାଇଲ ଫେରାଇଲେ ଏମ୍‌ପିଙ୍କ ପିଏ

ରାୟଗଡ଼ା,୨୧ ।୧(ଆଶିଷ ରଞ୍ଜନ ପଣ୍ଡା)



ବାପି ପଟ୍ଟନାୟକ ମୋବାଇଲ ଫେରାଉଛନ୍ତି।

କୋରାପୁଟ ଏମ୍‌ପି ସପ୍ତଗିରି ଉଲାକାଙ୍କ ପିଏ ବାପି ପଟ୍ଟନାୟକ ଜଣେ ଯୁବକଙ୍କ ହଜିଯାଇଥିବା ମୋବାଇଲ ଫେରାଇ ମାନବିକତାର ପରିଚୟ ଦେଖାଇଛନ୍ତି । ବାପିଙ୍କୁ ବୁଧବାର ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ଛକ ନିକଟରେ ଏକ ଦାମିଆ ମୋବାଇଲ ଫୋନ୍ ମିଳିଥିଲା । କିଛି ସମୟ ପରେ ଉକ୍ତ ଫୋନ୍‌କୁ ଏକ କଲ୍ ଆସିଥିଲା । ବାପି ଫୋନ୍ କଲ୍‌କୁ ରିସିଭ କରିବା ପରେ ବ୍ୟକ୍ତି ଜଣକ ନିଜକୁ ଦେବାଶିଷ ପତି ବୋଲି କହିବା ସହ ଫୋନ୍‌ଟି ତାଙ୍କର ବୋଲି କହିଥିଲେ । ଏହାପରେ ଦେବାଶିଷଙ୍କୁ ନିଜର ପରିଚୟପତ୍ର ଏବଂ ମୋବାଇଲ ତାଙ୍କର ହୋଇଥିବା ନେଇ ପ୍ରମାଣପତ୍ର ନେଇ ପ୍ରଦିକ୍ଷଣ ଗୃହକୁ ଆସିବାକୁ କହିଥିଲେ । ସମସ୍ତ ନଥିପତ୍ର ଦେଖିବା ପରେ ବାପି ମୋବାଇଲକୁ ଦେବାଶିଷଙ୍କୁ ହସ୍ତାନ୍ତର କରିଛନ୍ତି। ଏହି ସମୟରେ ସେଠାରେ ଜିଲା କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ନେତାଜୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଆରମ୍ଭ



ଦୌଡ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର।

ଗୁଣପୁର,୨୧।୧(ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍‌ର ଚିନାସାରି ନେତାଜୀ ଉଚ୍ଚ ବିଦ୍ୟାଳୟରେ ୩ ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଆରମ୍ଭ ହୋଇଛି । ଗ୍ରାମଦେବୀ ମନ୍ଦିରରୁ ମଶାଲକୁ ଶୋଭାଯାତ୍ରାରେ ଅଣାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । କ୍ରୀଡ଼ା ସମାବେଶରେ ଅଲମ୍ପିକ ଖେଳ ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ସର୍ଟ ପୁଟ, ଡିସ୍କସ୍ ଥ୍ରୋଲ ଜାଭଲିନ୍ ଥ୍ରୋ, କବାଡି ଏବଂ ଝିଅମାନଙ୍କ ଦୌଡ଼, ଲେମ୍ବୁ ଚାମଚ, ଦୌଡ଼ି ଡିଆଁ ଇତ୍ୟାଦି ଖେଳ କରାଯାଉଛି । ପ୍ରଧାନଶିକ୍ଷକ ଇନ୍ଦିରା ମହାପାତ୍ର ଓ କ୍ରୀଡା ଦାୟିତ୍ୱରେ ଥିବା ଶିକ୍ଷକ ଘନଶ୍ୟାମ ବେହେରାଙ୍କ ତତ୍ତ୍ୱାବଧାନରେ ସମସ୍ତ ଖେଳ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଶିକ୍ଷକ ଘାସିରାମ ରଥ, କିରାଣୀ ବିଶ୍ୱନାଥ ପାଢ଼ୀ, ଶିକ୍ଷକ ଉମା ଶଙ୍କର ଦାଶ, ସହାୟକ ପ୍ରକାଶ ରାଉତ, ସୁନିତ ଶବର, ରବୀନ୍ଦ୍ର ପ୍ରଧାନୀ, ନର୍ମଦା ସାହୁ ପ୍ରମୁଖ କ୍ରୀଡା ସମୂହ ପରିଚାଳନା କରୁଛନ୍ତି । ସରପଞ୍ଚ ରାଜେଶ ଶବର ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି କ୍ରୀଡା ପତାକା ଉତ୍ତୋଳନ କରି ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିଥିଲେ ।

# ଜିଆଇଇଟିରେ ସାଇବର ସୁରକ୍ଷା ସମ୍ପର୍କିତ କର୍ମଶାଳା

ଗୁଣପୁର,୨୧।୧ (ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଏକ ଦିନିଆ 'ସାଇବର ସ୍ମାର୍ଟ ଇନ୍ ଦ ଏ.ଆଇ ଏରା' ସମ୍ପର୍କିତ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ଜାତୀୟ ନିରାପତ୍ତା ଉପଦେଷ୍ଟା ସଞ୍ଜୟ କୁମାର ପାଢ଼ୀ ଏବଂ ହାଇଦ୍ରାବାଦସ୍ଥିତ ରବିନ୍‌ସନ ପ୍ରାଇଭେଟ୍ ଲିମିଟେଡ୍‌ର ମୁଖ୍ୟ ଯାନ୍ତ୍ରିକ ଅଧିକାରୀ ଉଜ୍ଜ୍ୱଳ କୁମାର ସିଟ୍ଟୁ ଯୋଗଦେଇ ବର୍ତ୍ତମାନର ସାଇବର ଠକେଇରୁ କିପରି ନିଜକୁ ନିବୃତ୍ତ ରଖିବା ପାଇଁ ବିଭିନ୍ନ ପ୍ରକାର ସଚେତନତା କରାଇଥିଲେ । ଏଥିସହ ଛାତ୍ରୀଛାତ୍ର ଉଦ୍ୟୋଗୀ ହେବା ପାଇଁ ଉତ୍ସାହିତ କରିଥିଲେ। କର୍ମଶାଳାରେ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଡ. ପ୍ରେମାଂଶୁ ଶେଖର ରଥ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଫେସର ଜିଆର୍‌କେଡି ସତ୍ୟ ପ୍ରକାଶ ଧନ୍ୟବାଦ ଅର୍ପଣ କରିଥିଲେ। ଜିଆଇଇଟି ବିଶ୍ୱବିଦ୍ୟାଳୟର ଏସିଆଇସିର ଆର୍.କେ. ଯାଦବ ମଞ୍ଚାସୀନ ଥିଲେ। ଏହି କର୍ମଶାଳାରେ ବିଭାଗର ଅଧ୍ୟାପକ ଅଧ୍ୟାପିକା, ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଶେଷ ହେଲା ଡ୍ରେନ୍ ମରାମତି କାମ

ଗୁଣପୁର,୨୧।୧(ସଂକେତ ପାତ୍ର)

**ଧରିତ୍ରୀ ପ୍ରଭାବ**

ଗୁଣପୁର ସହରର ଲାଡ଼ି ବାଙ୍କିଛେଡି ନଗର ଲେନ୍-୧ ପ୍ରବେଶ ଦ୍ୱାରରେ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା କରାଯାଇଥିବା ପାଇପ ଓ ଡ୍ରେନ୍ କାମ ଅଧାପନ୍ତରିଆ ଅବସ୍ଥାରେ ରହିଥିଲା। ଡ୍ରେନ୍ ଉପରେ ଠିକ୍ ଭାବେ ଢାଙ୍କୁଣି ଦିଆଯାଇ ନ ଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ଥିଲେ। ଏ ନେଇ ବୁଧବାର ଧରିତ୍ରୀରେ 'ମୁକୁଳା ଡ୍ରେନ୍‌କୁ ନେଇ ଲୋକେ ଭୟଭୀତ' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ଜନସ୍ୱାସ୍ଥ୍ୟ ବିଭାଗ ତତ୍ପର ହୋଇଉଠିଛି। ଡ୍ରେନ୍ ଉପରେ କଂକ୍ରିଟ୍ ଢାଙ୍କୁଣି ପକାଇବା ସହ ବାହାରକୁ ବାହାରିଥିବା ଲୁହାରଡ଼କୁ ହଟାଇ କାମ ସମ୍ପୂର୍ଣ୍ଣ କରିଛି।

# ବନ୍ଧୁମିଳନ କାର୍ଯ୍ୟକ୍ରମରେ ସୁସ୍ଥ ପରିବେଶ ଗଠନ ପାଇଁ ସଚେତନତା

## ପ୍ରେସ୍ କ୍ଲବ୍ ନୂତନ କମିଟିର ବନ୍ଧୁମିଳନ

ରାୟଗଡ଼ା,୨୧।୧(ଆଶିଷ ରଞ୍ଜନ ପଣ୍ଡା)



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଖବରଦାତାମାନେ।

ରାୟଗଡ଼ା ବ୍ଲକ୍ ହାଲୁଆ ଗ୍ରାମ ନିକଟସ୍ଥ ସେବା ସମାଜ ଗୃହଠାରେ ବୁଧବାର ପ୍ରେସ୍ କ୍ଲବର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜାନୁଆରୀ ୭ ତାରିଖରେ ପ୍ରେସ୍ କ୍ଲବର ନୂତନ କମିଟି ଚୟନ ପରେ ଏହା ପ୍ରଥମ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଥିବାରୁ କ୍ଲବର ସଦସ୍ୟମାନେ ଉତ୍ସାହିତ ଥିଲେ। ପ୍ରେସ୍ କ୍ଲବ ସଭାପତି ସଂଗ୍ରାମ କେଶର ପଟ୍ଟନାୟକଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ୱାଇ.ଦାମୋଦର ରାଓ, ସଂଗଠନ ସମ୍ପାଦକ ସୁଶାନ୍ତ ପ୍ରଧାନ ଓ ଯୁଗ୍ମ ସମ୍ପାଦକ ସୁଶାନ୍ତ ଦାସ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ତେବେ ବନ୍ଧୁମିଳନ ଭୋଜି ପରେ କ୍ଲବ ସଭାପତି ସଂଗ୍ରାମ ଓ ସଦସ୍ୟ ବି.ଶ୍ରୀନିବାସଙ୍କ ନେତୃତ୍ୱରେ ସେବା ସମାଜ ଗୃହ ପଡ଼ିଆ ସଫାକରି ଏକ ସୁସ୍ଥ ପରିବେଶ ଗଠନ ନିମନ୍ତେ ସଚେତନତା ସୃଷ୍ଟି କରିଥିଲେ । ଭୋଜିଭାତ କରିବା ପରେ ଅଳିଆ ସଫାକରି ଦୂରରେ ଫୋପାଡ଼ିଲେ ଉକ୍ତ ଅଞ୍ଚଳର ପରିବେଶ ସୁସ୍ଥ ରହିବ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଏଡିଆଇପିଆର୍‌ଓ ଦେବରାଜ ଟାକ୍ରି, ଗ୍ରନ୍ଥାଗାରିକ ଡମ୍ବରୁଧର ପଣ୍ଡା, ଜେକେ ପେପର ମିଲ୍‌ର ଲୋକ ସମ୍ପର୍କ ଅଧିକାରୀ ସ୍ମୃତିରେଖା କର ଓ ଟିମ୍, ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ କମ୍ପାନୀର ଜିଏମ୍ ପୀତାମ୍ବର ବେହେରା, ସହ ଲୋକସମ୍ପର୍କ ଅଧିକାରୀ ଅମଜାଦ୍ ଅଲୀ, ଆଦିତ୍ୟ ଆଲୁମିନା ରିଫାଇନେରି କମ୍ପାନୀର ସିଏସ୍‌ଆର ମୁଖ୍ୟ ତନ୍ମୟ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ପ୍ରେସ୍ କ୍ଲବର ଉପସ୍ଥିତ ସଦସ୍ୟ ସାମ୍ବାଦିକଙ୍କ ସୁରକ୍ଷା ବୀମା ଓ ବିକାଶ ଉପରେ ଆଲୋଚନା କରିଥିଲେ। ବୈଠକରେ କୋର୍ କମିଟି ସଦସ୍ୟ ସୁବ୍ରତ ଚୌଧୁରୀ, ପୂର୍ବତନ ସଭାପତି ଯୋଗେଶ୍ୱର ଦାସ, ପୂର୍ବତନ ଉପସଭାପତି ସିଏଚ୍.ଶ୍ରୀନିବାସ, କେ.ନୀତିନ୍ ଚୌଧୁରୀ, ଗୋପାଳ ଅଧିକାରୀ, ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ନାରୀ ମର୍ଯ୍ୟାଦାର ପ୍ରତୀକ ଭାବେ ପୂଜା ପାଉଛନ୍ତି ବାସବୀ

## ବାସବୀ କନ୍ୟକା ପରମେଶ୍ୱରୀ ଆତ୍ମାର୍ପଣ ଦିବସ

ଗୁଣପୁର,୨୧।୧(ସଂକେତ ପାତ୍ର)



ମହିଳା ଭକ୍ତ ଦୀପ ଜାଳି ମାଙ୍କୁ ସ୍ମରଣ କରୁଛନ୍ତି।

ଗୁଣପୁର ସହରସ୍ଥିତ ଶ୍ରୀ କନ୍ୟକା ପରମେଶ୍ୱରୀ ମନ୍ଦିରରେ ବୁଧବାର ସନ୍ଧ୍ୟାରେ ବାସବୀ କନ୍ୟକା ପରମେଶ୍ୱରୀଙ୍କ ଆତ୍ମାର୍ପଣ ଦିବସ ପାଳିତ ହୋଇଯାଇଛି। ପୂଜା ପରେ କନ୍ୟକା ପରମେଶ୍ୱରୀ ଭଗବତୀଙ୍କ ମହିମା, ତାଙ୍କ ଜୀବନ ଚରିତ୍ର ଓ ଧାର୍ମିକ ଗୁରୁତ୍ୱ ସମ୍ପର୍କରେ ଭକ୍ତଙ୍କୁ ଅବଗତ କରାଯାଇଥିଲା। ବାସବୀ କନ୍ୟକା ପରମେଶ୍ୱରୀ ବାସବୀ ନାମରେ ମଧ୍ୟ ପରିଚିତ। ଶାନ୍ତି, ଅହିଂସା, ସତ୍ୟ ଓ ନାରୀ ମର୍ଯ୍ୟାଦାର ଶ୍ରେଷ୍ଠ ପ୍ରତୀକ ଭାବେ ସେ ପୂଜା ପାଉଛନ୍ତି। ତାଙ୍କ ଜୀବନ ଗାଥା ନିଜ ସିଦ୍ଧାନ୍ତ ଓ ଧର୍ମରକ୍ଷା ପାଇଁ ଆତ୍ମତ୍ୟାଗର ଉଦାହରଣ ଭାବେ ଆଜି ମଧ୍ୟ ସମାଜକୁ ପ୍ରେରଣା ଦେଇଆସୁଛି। ପୌରାଣିକ ଓ ଐତିହାସିକ କଥାନୁସାରେ, ଆନ୍ଧ୍ର ପ୍ରଦେଶର ପେନୁଗୋଣ୍ଡା ନିବାସୀ ରାଜା କୁସୁମଶ୍ରେଷ୍ଠୀ ଓ ତାଙ୍କ ଧର୍ମପତ୍ନୀ କୁସୁମାମ୍ବା ଏକ ଯଜ୍ଞ କରି ଦିବ୍ୟ ଆଶୀର୍ବାଦରେ ଯୁମଳା ସନ୍ତାନ ବୀରୂପାକ୍ଷ ଓ ବାସବାମ୍ବା (ବାସବୀ)ଙ୍କୁ ଲାଭ କରିଥିଲେ। ସେ ସମୟର ଚାଲୁକ୍ୟ ବଂଶର ରାଜା ବିଷ୍ଣୁବର୍ଦ୍ଧନ ବାସବୀଙ୍କ ସୌନ୍ଦର୍ଯ୍ୟ ଓ ଧାର୍ମିକତାରେ ଆକୃଷ୍ଟ ହୋଇ ତାଙ୍କୁ ବିବାହ କରିବାକୁ ଚାହିଁଥିଲେ। କିନ୍ତୁ ରାଜା ପୂର୍ବରୁ ବିବାହିତ ଥିବା ସହ ଭିନ୍ନ ବର୍ଣ୍ଣର ହୋଇଥିବାରୁ ବାସବୀ, ତାଙ୍କ ପିତାମାତା ଓ ସମଗ୍ର ସମୁଦାୟ ଏହି ପ୍ରସ୍ତାବକୁ ଦୃଢ଼ ଭାବେ ବିରୋଧ କରିଥିଲେ। ଯୁଦ୍ଧ, ହିଂସା ଓ ରକ୍ତପାତକୁ ରୋକିବା ଏବଂ ପରିବାର ସହ ସମୁଦାୟର ମର୍ଯ୍ୟାଦା ରକ୍ଷା ପାଇଁ ବାସବୀ ନିଜ ଜୀବନକୁ ତ୍ୟାଗ କରିବାର ଦୃଢ଼ ସିଦ୍ଧାନ୍ତ ନେଇଥିଲେ। ସେ ନିଜ ଦିବ୍ୟରୂପକୁ ଆଦି ପରାଶକ୍ତି ଭାବେ ପ୍ରକାଶ କରି ସଦା କୁମାରୀ ରହିବାର ସଙ୍କଳ୍ପ ନେଇଥିଲେ। ଦିନେ ବାସବୀଙ୍କ ସହ ୧୦୨ ପରିବାର ଯେଉଁମାନେ ବିଭିନ୍ନ ଗୋତ୍ରର ପ୍ରତିନିଧି, ତାଙ୍କ ନ୍ୟାୟ ସଂଗତ ଆନ୍ଦୋଳନକୁ ସମର୍ଥନ କରି ହୋମକୁଣ୍ଡରେ ଅଗ୍ନି ପ୍ରବେଶ କରିଥିଲେ। ଦାହକ ଅଗ୍ନି ଜଳାଇବା ପରିବର୍ତ୍ତେ ଶୀତଳ ପବନରେ ପରିଣତ ହୋଇଥିଲା ବୋଲି ଶ୍ରଦ୍ଧା ରହିଛି, ଏବଂ ବାସବୀ ଦିବ୍ୟ କନ୍ୟକା ପରମେଶ୍ୱରୀ ରୂପେ ପ୍ରକଟ ହୋଇଥିଲେ। ବାସବୀ କନ୍ୟକା ପରମେଶ୍ୱରୀ ସାର୍ବଭୌମ ପ୍ରେମ, ତ୍ୟାଗ, ସମତା ଓ ସାମାଜିକ ଏକତାର ବାର୍ତ୍ତା ଦେଇ ଆର୍ଯ୍ୟ ବୈଶ୍ୟ ସମୁଦାୟର ନୀତିମୂଳକ ଭିତ୍ତି ସୁଦୃଢ଼ କରିଥିଲେ। ତାଙ୍କ ଅଗ୍ନି ପ୍ରବେଶ ଦିନକୁ ଆତ୍ମାର୍ପଣ ଦିବସ ଭାବେ ପ୍ରତିବର୍ଷ ଭକ୍ତି ଓ ଗର୍ବ ସହ ପାଳନ କରାଯାଏ। ଏହି ଦିନୋତ୍ସବ ନାରୀ ଶକ୍ତି, ସାହସ, ସତ୍ୟନିଷ୍ଠା ଓ ଅହିଂସାର ଅମର ପ୍ରତୀକ ଭାବେ ସମାଜକୁ ପଥପ୍ରଦର୍ଶନ କରେ। ଆର୍ଯ୍ୟ ବୈଶ୍ୟ ସମୁଦାୟ ପାଇଁ ବାସବୀ କନ୍ୟକା ପରମେଶ୍ୱରୀ କୁଳଦେବୀ ଭାବେ ପୂଜିତ ହୋଇ ସମୃଦ୍ଧି, ଶାନ୍ତି ଓ ନୀତିମୟ ଜୀବନର ସନ୍ଦେଶ ପ୍ରଚାର କରୁଛନ୍ତି। ତାଙ୍କ ଜୀବନ ଚରିତ୍ର ଶୁଣିବା ପରେ ଶେଷରେ ଦୀପାରାଧନା କରାଯାଇ ଭକ୍ତମାନେ ମା'ଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ।

## ସଂକ୍ଷେପରେ

### ନନ୍ଦପୁରରେ ନୂତନ ଥାନାଧିକାରୀ



ନନ୍ଦପୁର, ୨୧।୧ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ଥାନାରେ ନୂତନ ଥାନାଧିକାରୀଭାବେ ବୁଧବାର ତ୍ରିନାଥ ତୋଟାପାଡ଼ିଆ କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ୨୦୧୯ରୁ ପୋଲିସ ବିଭାଗରେ ସାମିଲହୋଇ ରାୟଗଡ଼ା ଜିଲା ଚନ୍ଦ୍ରପୁର, ଗୁଡ଼ାରି ଆଦି ଥାନାରେ କାର୍ଯ୍ୟରତ ଥିଲେ। ସେଠାରୁ ୨ମାସ ତଳେ କୋରାପୁଟ ଜିଲା ପୋଲିସ ହେଡ୍‌କ୍ୱାର୍ଟର୍ସକୁ ବଦଳି ହୋଇ ଆସିଥିଲେ। ସମସ୍ତ କ୍ଷେତ୍ରରୁ ସାଉଁଟିଥିବା ଅଭିଜ୍ଞତା, ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ପରାମର୍ଶ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହଯୋଗରେ ନନ୍ଦପୁର ଥାନାଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ କରିବାକୁ ଚେଷ୍ଟା କରିବେ ବୋଲି ନୂତନ ଥାନାଧିକାରୀ କହିଛନ୍ତି। କାର୍ଯ୍ୟରେ ଯୋଗଦେବା ପରେ ଥାନାର ଅନ୍ୟ ପୋଲିସ ଅଧିକାରୀ ଓ ସ୍ଥାନୀୟ ଖବରଦାତାଙ୍କ ସହ ଥାନା କ୍ଷେତ୍ର ଅଞ୍ଚଳ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରକାଶ ଯେ ନନ୍ଦପୁର ଥାନାର ପୂର୍ବତନ ଥାନାଧିକାରୀ ମମତା କୁମାରୀ ପଣ୍ଡାଙ୍କ ନାରାୟଣପାଟଣା ଥାନାକୁ ବଦଳି ହୋଇଛି।

### ୭ କେନ୍ଦ୍ରରେ ୧୪୨୭ ଜଣ ଦେଲେ ପରୀକ୍ଷା

କୋରାପୁଟ, ୨୧।୧ (ଅମିତାଭ ବେହେରା)

ହାଇସ୍କୁଲ ଶିକ୍ଷକ ଯୋଗ୍ୟତା ପରୀକ୍ଷାରେ ଜିଲାର ୧୪୨୭ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ବୁଧବାର ପରୀକ୍ଷା ଦେଇଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜଣାଯାଇଛି। ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ହେବାନେଇ ଶିକ୍ଷକ ମାନଙ୍କ ମଧ୍ୟରେ ଜ୍ଞାନର ଗୁଣବତା ନେଇ ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଶିକ୍ଷକ ଯୋଗ୍ୟତା ପରୀକ୍ଷା କୃତକାର୍ଯ୍ୟ ହେବା ବାଧ୍ୟତାମୂଳକ। ଏନେଇ ଓଷ୍ଟା ପକ୍ଷରୁ ବୁଧବାର କୋରାପୁଟ ଜିଲାର ୭ କେନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ , ପିଏମଶ୍ରୀ ବାଳିକା ଉଚ୍ଚବିଦ୍ୟାଳୟ, ମାଛରାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ, କୋରାପୁଟ ପୋଲିସ ଉଚ୍ଚ ବିଦ୍ୟାଳୟ, କୋରାପୁଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କୋରାପୁଟ ଅରବିନ୍ଦ ସ୍କୁଲ, କୋରାପୁଟ ସୁନାପୁରସ୍ଥିତ ରାଜିବ ଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ୧୪୨୭ ଜଣ ପରୀକ୍ଷା ଦେଇଥିଲେ । ଏଥିପାଇଁ ୧୫୨୭ ଆବେଦନକାରୀଙ୍କ ମଧ୍ୟରୁ ୧୪୨୭ ଜଣ ପରୀକ୍ଷା ଦେଇଥିଲେ। କୋରାପୁଟ ଜିଲା ଶିକ୍ଷା ବିଭାଗ ପକ୍ଷରୁ ପରୀକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ଏବଂ ଶିକ୍ଷା ସଂଯୋଜକ ଚନ୍ଦ୍ର କଳା ବର୍ଗର୍ଡ଼ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷା ବିଭାଗ ଓ ଜିଲା ଶିକ୍ଷା ପ୍ରକଳ୍ପ ବିଭାଗର ବହୁ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

### ଆମ ପୋଲିସ ସମିତି ବୈଠକ

ଜୟପୁର,୨୧।୧(ପବନ ପାଣିଗ୍ରାହୀ)

ଜୟପୁର ଟାଉନ ଥାନା ପରିସରରେ ବୁଧବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି । ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ। ଜନସାଧାରଣ ଓ ପୋଲିସ ମଧ୍ୟରେ ସମ୍ପର୍କ ଏହାର ଲକ୍ଷ୍ୟ ବୋଲି କୁହାଯାଇଛି। ଜୟପୁର ଜନସାଧାରଣ ଓ କାଉନସିଲରମାନେ ଉପସ୍ଥିତ ରହି ଥାନା ପକ୍ଷରୁ ସହରରେ ସିସି କ୍ୟାମେରା ଲଗାଇବା ପାଇଁ ପ୍ରସ୍ତାବ ଦିଆଯାଇଛି। ଆଗାମୀ ଦିନରେ ପୌର ବୈଠକରେ ପ୍ରସ୍ତାବ ପକାଇବା ପାଇଁ ଆଲୋଚନା ହୋଇଛି। ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଦିଗରେ ପୋଲିସ ସହଯୋଗ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି। ଜୟପୁର ସହରରେ ଭଡାଘର, ମେସ, ବେଆଇନ ବେପାର ଆଦିକୁ ନେଇ ଉପୁଜୁଥିବା ସାମୂହିକ ସମସ୍ୟା ବାବଦରେ ଲୋକେ ପୋଲିସକୁ ଜଣାଇଥିଲେ। ଗାଡି ଚଲାଇବା ସମୟରେ ମୋବାଇଲ ଫୋନ ବ୍ୟବହାର କରୁଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରାଯାଇଥିଲା। ଟ୍ରାଫିକ ବ୍ୟବସ୍ଥା ବହୁତ ହେଉଥିବା ଯୋଗୁ ଏହାର ସୁଧାର ଆଣିବାକୁ ପୋଲିସ ଲୋକଙ୍କ ସହଯୋଗ ଲୋଡ଼ିଥିଲେ।

# ଧନୀ ଲୋକଙ୍କ ପଟ୍ଟା ରଦ୍ଦକରି ସଂଘକୁ ହସ୍ତାନ୍ତର ଦାବି

### ଶହୀଦ ଲକ୍ଷ୍ମଣ ନାୟକ ମୂଳ ଆଦିବାସୀ ସଂଘ ଉପଜିଲାପାଳଙ୍କ ଦ୍ୱାରସ୍ଥ

ଜୟପୁର, ୨୧।୧(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦର ପଞ୍ଚାୟତ ସାଗରଗୁଡ଼ା ଗ୍ରାମର ଶହୀଦ ଲକ୍ଷ୍ମଣ ନାୟକ ମୂଳ ଅଧିବାସୀ ସଂଘର ସଦସ୍ୟ ବୁଧବାର ଜୟପୁର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସଂଘ ଦଖଲରେ ଥିବା ଜମିର ପଟ୍ଟା କେତେଜଣ ଧନିକ ଶ୍ରେଣୀର ଲୋକଙ୍କୁ ଦିଆଯାଇଛି। ସେମାନେ କିନ୍ତୁ ଏହାର ଖଜଣ ପୈଠ କରୁନାହାନ୍ତି। ସଂଘ ଏହି ଖଜଣା ଦେଇଆସୁଛି। ତେଣୁ ଉକ୍ତ ପଟ୍ଟାକୁ ରଦ୍ଦ କରାଯାଇ ସେ ଜାଗା ସବୁକୁ ସଂଘକୁ ଦେବାକୁ ଦାବି ହୋଇଛି।

କୁନ୍ଦୁରା ମୌଜା ସାଗରଗୁଡ଼ା ଗ୍ରାମର ଜମିକୁ ଆଜିକୁ ଦୀର୍ଘ ୩୫ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସଂଘ ଦଖଲରେ ରଖିଛି। ଉକ୍ତ ଜମିରେ ଠାକୁରାଣୀଙ୍କ ମନ୍ଦିର, ଆମ୍ବେଡକର, ଶହୀଦ ଲକ୍ଷ୍ମଣ ନାୟକ, ମହାତ୍ମା ଗାନ୍ଧୀଙ୍କ ଭଳି ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ସେଠାରେ ଚାରାରୋପଣ ସହ ବିଭିନ୍ନ ପ୍ରକାର ପର୍ବ ପାଳନ କରାଯାଉଛି। ପୂର୍ବରୁ ଏହି ଜମି ଜୟପୁର ତହସିଲ ଅଧୀନରେ ରହିଥିଲା, ଉକ୍ତ ସମୟରେ କୁନ୍ଦୁରାର ଜଣେ ରାଜସ୍ୱ ନିରୀକ୍ଷକ ଏଠାକାର ଲୋକଙ୍କ ନାମ ବ୍ୟତୀତ ବୈପାରିଗୁଡ଼ା, ବୋରିଗୁମ୍ମା, ଜୟପୁର ଏବଂ କୋଟପାଡ଼ ଅଞ୍ଚଳର ଧନୀ ବ୍ୟକ୍ତିଙ୍କ ନାମରେ ପଟ୍ଟା ରେକର୍ଡ କରାଇ ଦେଇଛନ୍ତି। କିନ୍ତୁ ସେମାନେ ଦିନେ ହେଲେ ମଧ୍ୟ ଏଠାକୁ ଆସୁ ନାହାନ୍ତି କି ଜମିର ଖଜଣା ମଧ୍ୟ ଦେଉନାହାନ୍ତି। ସଂଘ ହିଁ ଖଜଣା ପୈଠ କରୁଛି। ଏବେ ଜମିର ଦାମ ବଢୁଥିବାରୁ ପଟ୍ଟାଧାରୀମାନେ ଏହାକୁ ବିକିବାକୁ ଚେଷ୍ଟା କରୁଛନ୍ତି।

ଅଭିଯୋଗ ପରେ କୋରାପୁଟ ଜିଲାପାଳଙ୍କ ଅଧୀନରେ ବିଚାର ଚାଲୁଛି। ଯେଉଁ ଧନୀ ଲୋକମାନଙ୍କ ନାମରେ ପଟ୍ଟା ରହିଛି ତାହାର ଉପଯୁକ୍ତ ତଦନ୍ତକରି ପଟ୍ଟାଗୁଡ଼ିକୁ ରଦ୍ଦ କରିବାକୁ ଦାବି ହୋଇଛି। ଜମିକୁ ସରକାରଙ୍କ ହାତକୁ ନିଆଯାଇ କିମ୍ବା ଦୀର୍ଘ ୩୫ବର୍ଷରୁ ଉର୍ଦ୍ଧ୍ୱ ହେବ ସରକାରୀ ଖଜଣା ପୈଠକରି କରୁଥିବା ସଂଘକୁ ତାହା ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ସଂଘ କାର୍ଯ୍ୟକାରୀ ସଭାପତି ଭଜମନ ସାଆନ୍ତା, ଉପଦେଷ୍ଟା ଚନ୍ଦ୍ର ସାଗରିଆଙ୍କ ନେତୃତ୍ୱରେ ସଂଘ ସଦସ୍ୟମାନେ ଉପ ଜିଲାପାଳଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଛନ୍ତି।



ଦାବି ଜଣାଇବାକୁ ଆସିଥିବା ଶହୀଦ ଲକ୍ଷ୍ମଣ ନାୟକ ମୂଳ ଆଦିବାସୀ ସଂଘ ସଦସ୍ୟମାନେ।

# ୧୫୩ ଛାତ୍ରୀଛାତ୍ରଙ୍କୁ ଜ୍ଞାନଦୀପ ପ୍ରଶିକ୍ଷଣ



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଛାତତ୍ରୀଛାତ୍ର।

କୋରାପୁଟ,୨୧।୧ (ଅମିତାଭ ବେହେରା)

କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଗତ ୧୭ରୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଜ୍ଞାନଦୀପ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ଗଣଶିକ୍ଷା ଓ ମଙ୍ଗଳ ବିଭାଗର ୨୬୧ ସରକାରୀ ଉଚ୍ଚ ବିଦ୍ୟାଳୟର ୧୫୩ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଜିଲାର ୭୦ ପ୍ରତିଶତ ନମ୍ବର ରଖିଥିବା ୨୬୧ ଉଚ୍ଚ ବିଦ୍ୟାଳୟର ୧୯୯ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୫୩ ଜଣଙ୍କ ପାଇଁ ସ୍ୱତନ୍ତ୍ର ୫ ଦିନିଆ ପ୍ରଶିକ୍ଷଣ ବ୍ୟବସ୍ଥା କରାଯାଇଥିଲା। ମାଟ୍ରିକ ପରୀକ୍ଷାରେ ଏ୧ ରଖି କୃତକାର୍ଯ୍ୟ ହେବା ଲକ୍ଷ୍ୟରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।

### ମାଟ୍ରିକ ପରୀକ୍ଷାରେ ଏ୧ ରଖିବା ଲକ୍ଷ୍ୟ

ଆସନ୍ତା ମାଟ୍ରିକ ପରୀକ୍ଷାରେ ଜିଲାର ଯେଉଁ ଛାତ୍ରୀଛାତ୍ର ୯୦ ପ୍ରତିଶତ ନମ୍ବର ରଖିବେ ସେମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସ୍କଲାରସିପ ପ୍ରଦାନ କରାଯିବ ବୋଲି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇ ଜିଲାପାଳ ମନୋଜ ସତ୍ୟୱାନ ମହାଜନ କହିଛନ୍ତି। ପର୍ଯ୍ୟାୟକ୍ରମେ ଏହି କାର୍ଯ୍ୟକ୍ରମ ନବମ ଶ୍ରେଣୀରୁ ୭ମ ଶ୍ରେଣୀ ଯାଏ କରାଯିବ ବୋଲି ଜିଲାପାଳ କହିଛନ୍ତି। ଜିଲାପାଳ ଓ ପ୍ରଶିକ୍ଷଣ ନେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବହୁ ସମୟଧରି ମତ ବିନିମୟ ହୋଇଥିଲା। ଏହି ଅବସରରେ ଆଇଏଏସ୍ ପ୍ରୋବେଶନର ସନ୍ତୋଷ କୁମାର ପାତ୍ର, ପେଡାଗୋଜି ସଂଯୋଜକ ଚନ୍ଦ୍ରକଳା ବର୍ଗର୍ଡପରିଚାଳନା କରିଥିଲେ। ଏଥିରେ ସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ହୀନଂଶୁ ଶେଖର ଦାସ, ରଶ୍ମି ରଞ୍ଜନ ସେଠୀ, ବିଜୟ ସାହୁ, ଓମ୍‌ପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଚଞ୍ଚଳା ମଜୁମଦାର ପରିଚାଳନା କରିଥିଲେ। ଶିକ୍ଷକ ସୁଜିତ କୁମାର ଜେନାଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ବନ୍ଧୁଗାଁ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନକଲେ କାୟାକଳ୍ପ ଟିମ୍

ବନ୍ଧୁଗାଁ, ୨୧।୧(ବେଣୁଧର ଲାବାଲା)

କୋରାପୁଟ ଜିଲା ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ରାଜ୍ୟସ୍ତରୀୟ ଟିମ ବୁଧବାର ପରିଦର୍ଶନ କରିଛନ୍ତି। ରାଜ୍ୟ ଆର୍‌ଆର୍‌ଟି ଆଇଡିଏମପି ସେଲ ମୁଖ୍ୟ ଡା ସୁରଜିତ ଗରାବଡ୍ଡୁ, ବର୍ଜ୍ୟବସ୍ତୁ ପରିଚାଳନା ପରାମର୍ଶଦାତା ସୌମ୍ୟକାନ୍ତ ପାତ୍ର, ୟୁନିସେଫ୍ ପରାମର୍ଶଦାତା ଡା ଅନୀଲ ପଟ୍ଟନାୟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରବେଶ ପଥ, ଔଷଧ ଗୋଦାମ ଓ ଅନ୍ୟ ସବୁ ଜରୁରୀ କକ୍ଷ ଆଦି ପରିଦର୍ଶନ ସହ ସ୍ୱଚ୍ଛତା ଅନୁଧ୍ୟାନ କରିଥିଲେ। ସମସ୍ତ ବିଭାଗର କାର୍ଯ୍ୟରତ କର୍ମଚାରୀ ଓ ଡାକ୍ତରଙ୍କ ସହ ସମ୍ପୃକ୍ତ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ପୁଣି ରୋଗୀମାନଙ୍କ ସହ ଆଲୋଚନା କରିଥିଲେ। ବିଭିନ୍ନ କ୍ଷେତ୍ରରେ କିପରି ଅଧିକ ଉନ୍ନତମାନର ପରିଚାଳନା କରି ହେବ ସେଥିପାଇଁ ଆବଶ୍ୟକ ପରାମର୍ଶ ଦେଇଥିଲେ। ନୂତନ ମେଡିକାଲ ଗୃହ ନିର୍ମିତ ହୋଇଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ପରିଚାଳନା ବହୁତ ଭଲ ରହିଥିବା କାୟାକଳ୍ପ ଟିମ ଜଣାଇଛନ୍ତି। କୋରାପୁଟ ଜିଲା ସଦରରୁ ପ୍ରବନ୍ଧକ (ଗୁଣାତ୍ମକ ମୂଲ୍ୟାୟନ ) ପୂର୍ଣ୍ଣ ଚନ୍ଦ୍ର ଭୋଇ ସଂଯୋଜନା କରିଥିଲେ। କାୟାକଳ୍ପ ଟିମ୍‌ର ପରିଦର୍ଶନ ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା ରଶ୍ମିରଞ୍ଜନ ସାମଲ, ବିପିଏମ ଅସିତ୍ ମହାପାତ୍ର, ଭିପିଡିଟିଏସ ପ୍ରକାଶ ଚନ୍ଦ୍ର ଜେନା ଓ ମେଲ୍ୟାରିଆ ଆସିଷ୍ଟାଣ୍ଟ ଅମୂଲ୍ୟ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।





କାୟାକଳ୍ପ ଟିମ୍ ଯାଞ୍ଚ କରୁଛନ୍ତି।

# ପ୍ରଲୋଭନରେ ପଡ଼ି ଧର୍ମ ନ ଛାଡ଼ିବାକୁ ପରାମର୍ଶ

ଦଶମନ୍ତପୁର, ୨୧।୧(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅଧୀନ ମୁର୍କାର ପଞ୍ଚାୟତରେ ବୁଧବାର ପଞ୍ଚାୟତ ସ୍ତରୀୟ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାପତି ନରି ହିକ୍‌କାଙ୍କ ତତ୍ତ୍ୱାବଧାନ ଆୟୋଜିତ ହୋଇଥିବା ଏହି ବୈଠକରେ ବନ୍ଧୁଗାଁ ଖଣ୍ଡର ଧର୍ମ ଜାଗରଣ ସଂକୀର୍ତ୍ତନ ମଣ୍ଡଳୀ ସେବକ ଉଦିତ ନାରାୟଣ ରାଜମଲ୍ଲା, ଲୋକ କଳାକାର ରାଜକୁମାର ସାରଥି, ଦାମନଯୋଡିର ହିନ୍ଦୁ ଜାଗରଣ ସମାଜର ବୁଦ୍ଧଦେବ ଦେ, ଦଶମନ୍ତପୁର ଭାଗବତ ଟୁଙ୍ଗି ସଂକୀର୍ତ୍ତନ ମଣ୍ଡଳୀ ସଭାପତି ବାଳକୃଷ୍ଣ ଡାକୁଆ, ସରପଞ୍ଚ ତିଳେଶ୍ୱର ମାଣ୍ଡିଙ୍ଗା, ଦାମଦର ବିଷୋୟୀଙ୍କ ସମେତ ଏହି ପଞ୍ଚାୟତର ଶତାଧିକ ହିନ୍ଦୁ ଧର୍ମାବଲମ୍ବୀ ଯୋଗଦେଇଥିଲେ। ପ୍ରଲୋଭନରେ ପଡ଼ି ନିଜ ଧର୍ମ ନ ଛାଡ଼ିବାକୁ ପରାମର୍ଶ ଦିଆଯାଇଛି। ପ୍ରତ୍ୟେକ ଗ୍ରାମାଞ୍ଚଳରେ ମନ୍ଦିର ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି।



# ଟ୍ରେନ୍‌ରେ କଟି ଜଣେ ମୃତ

ଗୁଣୁପୁର, ୨୧।୧ (ସଂକେତ ପାତ୍ର)

ରାୟଗଡ଼ା ଜିଲା ଗୁଣୁପୁର ରେଳ ଷ୍ଟେଶନ ନିକଟରେ ଗୁଣପୁର - ବିଶାଖାପାଟଣା ଟ୍ରେନ୍‌ରେ କଟି ମଧ୍ୟାହ୍ନ ପ୍ରାୟ ୨ଟାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ହେଲେ ପଦ୍ମପୁର ବ୍ଲକ୍ ଅନ୍ତରଝୋଲି ଗ୍ରାମର ପୂର୍ଣ୍ଣ ନାଗ (୫୩)। ସେ ତାଙ୍କ ଝିଅ ସହ ଗୁଣୁପୁର ମେଡିକାଲ କଲୋନୀର ଅଫିସ କ୍ୱାର୍ଟରରେ ରହୁଥିଲେ। ତେବେ ବ୍ୟକ୍ତି ଜଣକ ଟ୍ରେନ୍‌ରୁ ଖସିପଡ଼ିଥିଲେ କି ଟ୍ରେନ ସହ ଧକ୍କା ହୋଇ ମୃତ୍ୟୁବରଣ କରିଛନ୍ତି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ଗୁଣୁପୁର ଷ୍ଟେସନରେ ଜିଆରପି ପୋଲିସ ଉପସ୍ଥିତ ନ ଥିବାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଶବ ଟ୍ରାକ୍‌ରେ ପଡ଼ିରହିଥିଲା। ବିଳମ୍ବରେ ଜିଆରପି ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ଦିଗାପୁର ଆବାସିକ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

# ନିରନ୍ତର ପ୍ରଚେଷ୍ଟା ଛାତ୍ରୀଛାତ୍ରଙ୍କୁ ଶୀର୍ଷକୁ ନିଏ





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କୁନ୍ଦୁରା, ୨୧।୧(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଦିଗାପୁର ଆବାସିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ପି. ମନସ୍ୱିତା ମୁଖ୍ୟ ଅତିଥି, ପିଏଆଇଟିଡିଏ କାର୍ଯ୍ୟାଳୟ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ କୋରାପୁଟ ଯୋଜନ ବେହେରା, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବୈଶାଳୀ ଦୋରା, କୁନ୍ଦୁରା ବ୍ଲକ ମଙ୍ଗଳ ଅଧିକାରୀ ସୁଜ୍ଞାନ ରଞ୍ଜନ ଜାଲି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ମିଶ୍ର, ସମିତି ସଭ୍ୟ ଗୁପ୍ତ ଅଡାରି ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷୟିତ୍ରୀ ସବିତା ଶତପଥୀ ଯୋଗଦେଇଥିଲେ। ନିରନ୍ତର ପ୍ରଚେଷ୍ଟା ହିଁ ଆଗକୁ ନିଏ ବୋଲି ଅତିଥିମାନେ ମତ ଦେଇଛନ୍ତି। ଶିକ୍ଷକ ଶ୍ରୀନିବାସ ନାଇଡୁ ଓ ବସନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। ଦିଗାପୁର ଆବାସିକ ଉଚ୍ଚ ବିଦ୍ୟାଳୟର ୩ ଛାତ୍ରୀଛାତ୍ର ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା ବୃତ୍ତି ପୁରସ୍କାର ପାଇଛନ୍ତି। ୨୭ ଛାତ୍ରୀଛାତ୍ର ବ୍ଲକ୍‌ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଚଳିତ ୧୦ମ ଶ୍ରେଣୀ ପ୍ରାରମ୍ଭିକ ପରୀକ୍ଷା ରେ ୮୦% ରୁ ଅଧିକ ମାର୍କ ରଖିଥିବା ଉଚ୍ଚ ସଫଳତା ହାସଲ କରିଥିବା ୩ ଜଣ ଛାତ୍ର ଜିଲାସ୍ତରୀୟ ଜ୍ଞାନଦୀପ କାର୍ଯ୍ୟକ୍ରମ ମଧ୍ୟମରେ ସ୍ୱତନ୍ତ୍ର ଶିବିରରେ ଅଧ୍ୟୟନ ପାଇଁ କୋରାପୁଟ ଯାଇଛନ୍ତି। ବିଦ୍ୟାଳୟର ସଫଳତା ଏବଂ ଗୌରବକୁ ନେଇ ସମସ୍ତ ଅତିଥିଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଏହାପରେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଶିବିରରେ ଜଣେ ଦିବ୍ୟାଙ୍ଗଙ୍କ ସହ ଅଧିକାରୀ ଓ ଅନ୍ୟମାନେ।

ବୈପାରୀଗୁଡ଼ା, ୨୧।୧(କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରୀଗୁଡ଼ା ବ୍ଲକ ଅଫିସ୍ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ସମୁଦାୟ ୨୭୬ ଜଣ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରାଯାଇଥିଲା। ସେମାନଙ୍କୁ ପ୍ରମାଣପତ୍ର ସହ ଦିବ୍ୟାଙ୍ଗମାନଙ୍କୁ ମିଳୁଥିବା ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବା ନେ ସୂଚନା ମିଳିଛି। ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ବିଶେଷଜ୍ଞ ଦଳ ଦିବ୍ୟାଙ୍ଗମାନଙ୍କ ପରୀକ୍ଷା କରିଥିଲେ। ଶିବିରକୁ କାର୍ତ୍ତିକ ପାଡ଼ି ପରିଚାଳନା କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ ସାହୁ ତଦାରଖ କରିଥିଲେ। ସମାଜିକ କର୍ମୀ ଓ କଲେଜ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# ମହିଳାଙ୍କ ଆତ୍ମହତ୍ୟାକୁ ନେଇ ବାଡେଲ ଗ୍ରାମରେ ଉତ୍ତେଜନା

ନନ୍ଦପୁର/ପାଡୁଆ, ୨୧।୧
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ପାଡୁଆ ଥାନା ଅଧୀନ ବାଡେଲ ପଞ୍ଚାୟତ ସଦର ମହକୁମାରେ ଜଣେ ବିବାହିତ ମହିଳାଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। ମହିଳାଙ୍କ ବାପଘର ଲୋକେ ଝିଅଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ବାଡେଲ ଗ୍ରାମରେ ଏକାଠି ହୋଇଥିଲେ। ପାଡୁଆ ଥାନାଧିକାରୀ ନିଜ ଟିମ୍ ସହ ସେଠାରେ ପହଞ୍ଚି ଥିଲେ। ପୋଲିସ ସୂଚନା ମୁତାବକ ନନ୍ଦପୁର ବାହିରିପଡ଼ା ନିବାସୀ ସୁବାସ ମାଛଙ୍କ ଝିଅ ଅନ୍ୱେଷା (୨୦) ବାଡେଲ ଗ୍ରାମର ଘାସି ଶୁକ୍ରିଙ୍କ ପୁଅ ଆଶିଷକୁ ବର୍ଷେ ତଳେ ପ୍ରେମ ବିବାହ କରିଥିଲେ। ବୁଧବାର ପୂର୍ବାହ୍ନ ୧୧ଟାରେ ଶାଶୁ ଶଶୁର ଓ ସ୍ୱାମୀ ଘରେ ନଥିଲେ। ସେମାନେ ଘରକୁ ଫେରିବା ପରେ ଅନ୍ୱେଷାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ତାଙ୍କୁ ଉଦ୍ଧାର କରି ତୁରନ୍ତ ଆଶା କିରଣ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବର ଶୁଣିବା ପରେ ଝିଅକୁ ଶାଶୁଘର ଲୋକେ ମାରିଦେଇଥିବା ଅଭିଯୋଗ କରି ଅନ୍ୱେଷାଙ୍କ ବାପଘର ଲୋକେ ଓ ବନ୍ଧୁ ପରିଜନ ବାଡେଲ ଗ୍ରାମରେ ଜମା ହୋଇଥିଲେ। ଉତ୍ତେଜନା ସୃଷ୍ଟି ହେଉଥିବା ସୂଚନା ପାଇ ପାଡୁଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଉପରେ କଡା ନଜର ରଖିଛି। ମୃତଦେହ ପୋଲିସ ଜବତ କରି ଡାକ୍ତରଖାନାରେ ରଖିଛି। ଖବର ପ୍ରକାଶ ସୁଧା ଅନ୍ୱେଷାଙ୍କ ପରିବାର ପକ୍ଷରୁ କୌଣସି ଏତଲା ଦିଆଯାଇ ନ ଥିବା ଥାନାଧିକାରୀ ଅଶୋକ ବିଷୋୟୀ ସୂଚନା ଦେଇଛନ୍ତି।

# ନୂତନ ଥାନାଧିକାରୀଙ୍କୁ ସ୍ୱାଗତ



ନୂତନ ଥାନାଧିକାରୀଙ୍କୁ ପ୍ରେସ୍ କ୍ଲବ ସଦସ୍ୟମାନେ ଫୁଲତୋଡ଼ା ଦେଇ ସ୍ୱାଗତ କରୁଛନ୍ତି।

ବୋରିଗୁମ୍ମା, ୨୧।୧(ବିଜୟ ସାହୁ)

ବୋରିଗୁମ୍ମା ଥାନାରେ ନୂତନ ଆଇଆଇସି ଭାବେ ରାମାନନ୍ଦ ସାହୁ କାର୍ଯ୍ୟରେ ଯୋଗ ଦେଇଛନ୍ତି। ବୁଧବାର ବୋରିଗୁମ୍ମା ପ୍ରେସ କ୍ଲବ ସଭାପତି ବିଜୟ ନାରାୟଣ ସାହୁଙ୍କ ନେତୃତ୍ୱରେ ସମସ୍ତ ସଭ୍ୟ ନୂତନ ଆଇଆଇସିଙ୍କୁ ସ୍ୱାଗତ କରିଥିଲେ। ଥାନାଧିକାରୀ ସହରରେ ଆଇନ ଶୃଙ୍ଖଳା ବଜାୟ ରଖିବା ଦିଗରେ ଖବରଦାତାଙ୍କ ସହଯୋଗ କାମନା କରିଥିଲେ। ପ୍ରେସ କ୍ଲବ ସଭ୍ୟ କେ ସାକିଲି ଦୋରା, ରଞ୍ଜନ କୁମାର ମିଶ୍ର, ଦୟାନିଧି ପଟ୍ଟନାୟକ,ସୀମାଞ୍ଚଳ ମହାରଣା, ପ୍ରତାପ ହୋତା, ଜି. ମୋହନ ଦୋରା, ମାନସ ରଥ, ପି.ଅନନ୍ତ ରାଓ,ରିଙ୍କୁ ପଟନାୟକ, ଶଙ୍କର ମହାନ୍ତି, ଅମରିତ ଖୋସଲା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାନୁଯାୟୀ, ଥାନାଧିକାରୀ ସାହୁ ପୂର୍ବରୁ ଭୁବନେଶ୍ୱର କମିଶନରେଟ ବଡଗଡ଼ ଥାନା, ଲକ୍ଷ୍ମୀସାଗର ଥାନାରେ କାର୍ଯ୍ୟରତ ଥିଲେ। ୨୦୨୫ ପଦୋନ୍ନତି ପାଇ ଇନ୍ସପେକ୍ଟର ହୋଇଥିଲେ।

# ବିନା ନୋଟିସରେ ଘର ଉଚ୍ଛେଦ ଅଭିଯୋଗ

ସୁନାବେଡ଼ା/ସେମିଳିଗୁଡ଼ା,୨୧।୧
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସୁନାବେଡ଼ା ବେଲେଶ୍ୱର ମନ୍ଦିର ପଛ ତାଲାପୁଟ ଗାଁର ପ୍ରାୟ ୬ଟି ଘରକୁ ବୁଧବାର ଜେସିବି ଲଗାଇ ଉଚ୍ଛେଦ କରାଯାଇଛି। ହାଲ ପ୍ରଶାସନ ଓ ସୁରକ୍ଷା ବିଭାଗ ବରିଷ୍ଠ ଅଧିକାରୀଙ୍କ ସମେତ ଜିଲା ପୋଲିସ ପକ୍ଷରୁ ଏହି ଉଚ୍ଛେଦ କରାଯାଇଛି। ତେବେ ଉଚ୍ଛେଦ ପୂର୍ବରୁ କୌଣସି ନୋଟିସ୍ ଦିଆ ଯାଇ ନ ଥିବା ନେଇ କ୍ଷତିଗ୍ରସ୍ତ ପରିବାର ଓ ହାଲ ବିସ୍ଥାପିତ ସଂଘର ସଭାପତି ତ୍ରିଲୋଚନ ମୁଦୁଲି କହିଛନ୍ତି। ଏହାକୁ ନେଇ କିଛି ସମୟ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହା ବିରୋଧରେ ଆଇନର ଆଶ୍ରୟ ନେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଦୀର୍ଘ ୨୫ ବର୍ଷ ହେବ ଏହି କ୍ଷତିଗ୍ରସ୍ତ ପରିବାର ଚାଷବାସ କରି ପରିବାର ପ୍ରତିପୋଷଣ କରି ଆସୁଛନ୍ତି। ଏହାଛଡା ହାଲ ୧୯୬୧ରୁ ଜମି ଅଧିଗ୍ରହଣ କରିଥିଲେ ମଧ୍ୟ କୌଣସି ଥଇଥାନ ବ୍ୟବସ୍ଥା କରିନାହିଁ। ସେମାନଙ୍କ ମଧ୍ୟରୁ ଜଣକୁ ମଧ୍ୟ କାମ ଯୋଗାଇ ନହିଁ। ନିୟମ ମୁତାବକ ଉଚ୍ଛେଦର ସପ୍ତାହେ ଆଗରୁ ନୋଟିସ କରିବା କଥା। କିନ୍ତୁ ବିନା କୌଣସି ସୂଚନାରେ ହଠାତ୍ ଉଚ୍ଛେଦକୁ ହାଲ୍ ବିସ୍ଥାପିତ ସଂଘ ପକ୍ଷରୁ ବିରୋଧ କରାଯାଉଛି। ଏହାକୁ ନେଇ ଜିଲାପାଳଙ୍କ ନିକଟରେ ଫେରାଦ ହେବା ସହ ରାଜ୍ୟରେ ରହିଥିବା ୨୬ ସଙ୍ଗଠନକୁ ଅବଗତ କରାଯିବ ଓ ଆଇନର ଆଶ୍ରୟ ନେବାକୁ ଚେତାବନୀ ଦିଆଯାଇଛି। ପ୍ରଶାସନ ଖାଦ୍ୟଶସ୍ୟ ନେବାକୁ ଦେଇନଥିଲା ଫଳରେ ଫଳରେ ବର୍ଷକର ଖାଇବା ମାଟିରେ ମିଶିଗଲା ବୋଲି ଗାଁର କେତେଜଣ ଲୋକଙ୍କ ଅଭିଯୋଗ କରିଛନ୍ତି। ଉଚ୍ଛେଦ ସମୟରେ ହାଲ୍ ସୁରକ୍ଷା ବିଭାଗର ବରିଷ୍ଠ ଅଧିକାରୀ, ସୁନାବେଡ଼ା ଏସ୍‌ଡିପିଓ, ଉଭୟ ସୁନାବେଡ଼ା ଓ ସେମିଳିଗୁଡ଼ା ଥାନାଧିକାରୀଙ୍କ ସହ ୨ ପ୍ଲାଟୁନ ପୋଲିସ ଫୋର୍ସ, ସେମିଳିଗୁଡ଼ା ତହସିଲଦାର ଏବଂ ଅତିରିକ୍ତ ତହସିଲଦାର ଉପସ୍ଥିତ ଥିଲେ। ଉଚ୍ଛେଦ ସମୟରେ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ସେମିଳିଗୁଡ଼ା ତହସିଲଦାର ଦେବବ୍ରତ କରାଡିଙ୍କୁ ପଚାରିବାରୁ ଏଥିରେ ପ୍ରଶାସନର କିଛି ନାହିଁ। ହାଲ୍‌ର ଜାଗା। ହାଲ ପକ୍ଷରୁ ଜାଗା ଖାଲି କରିବାକୁ ଉପଜିଲାପାଳଙ୍କ ନିକଟକୁ ରିକ୍ୟୁସନ ଲେଟର ହୋଇଥିଲା। ଜିଲା ପ୍ରଶାସନ ନିର୍ଦ୍ଦେଶରେ ଉପସ୍ଥିତ ଥିଲି ବୋଲି ସେ କହିଛନ୍ତି। ବିନା ନୋଟିସରେ ଉଚ୍ଛେଦ ଅଭିଯୋଗ ସମ୍ପର୍କରେ ହାଲ ଏଚ୍‌ଆର୍ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ମୁଁ ଅଥରାଇଜ ପର୍ଶନ ନୁହେଁ। ତେଣୁ ଏଥିରେ ମୁଁ କିଛି କହିପାରିବି ନାହିଁ ବୋଲି କହିଛନ୍ତି।



ଭଙ୍ଗାଯାଇଥିବା ଘର।

